Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 21+ Issue No:343+ 12 April 2026 (Sunday) + Rourkela + Rs.2.00 + Page -1 +୨୧ ବର୍ଷ +ସଂଖ୍ୟା:୩୪୩+୧୨ ଏପ୍ରିଲ ୨୦୨୬ (ରବିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ବିଶ୍ୱ ଯୁଦ୍ଧ ଚିନ୍ତା ମଧ୍ୟରେ ଭାରତର 'ମିଶନ ଏନର୍ଜି' : ପ୍ରଧାନମନ୍ତ୍ରୀ-ରାହୁଲ ମୁହାଁମୁହିଁ :

ୟୁଏଇରେ ଜୟଶଙ୍କର, ଆମେରିକା ପରେ ଏବେ ୟୁରୋପ ଗସ୍ତରେ ବିଦେଶ ସଚିବ

ନୂଆଦିଲ୍ଲୀ,୧୧।୪: ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଉତ୍ତେଜନା ଏବଂ ଯୁଦ୍ଧ ପରିସ୍ଥିତି ମଧ୍ୟରେ ନିଜର ଶକ୍ତି, ପ୍ରତିରକ୍ଷା ଏବଂ ବାଣିଜ୍ୟିକ ସ୍ୱାର୍ଥ ରକ୍ଷା ପାଇଁ ଭାରତ ନିଜର କୂଟନୈତିକ ସକ୍ରିୟତାକୁ ବୃଦ୍ଧି କରିଛି । ଗୋଟିଏ ପଟେ ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ୟୁଏଇ ଗସ୍ତରେ ଥିବାବେଳେ, ଅନ୍ୟପଟେ ବିଦେଶ ସଚିବ ବିକ୍ରମ ମିସ୍ରି ଆମେରିକା ପରେ ଏବେ ୟୁରୋପର ଦୁଇ ପ୍ରମୁଖ ଦେଶ ଫ୍ରାନ୍ସ ଓ ଜର୍ମାନୀ ଗସ୍ତରେ ଯାଉଛନ୍ତି । ଆମେରିକାରେ ଟ୍ରମ୍ପ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ବିଦେଶ ମନ୍ତ୍ରୀ ମାର୍କୋ ରୁବିଓଙ୍କୁ ଭେଟିବା ପରେ ବିଦେଶ ସଚିବ ବିକ୍ରମ ମିସ୍ରି ରବିବାରଠାରୁ ପ୍ୟାରିସ୍ ଏବଂ ବର୍ଲିନ୍ର ତିନି ଦିନିଆ ଗସ୍ତ ଆରମ୍ଭ କରୁଛନ୍ତି । ମଧ୍ୟପ୍ରାଚ୍ୟ ସଙ୍କଟ ଯୋଗୁଁ ଭାରତର ଶକ୍ତି ସୁରକ୍ଷା ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ୟୁରୋପୀୟ ଦେଶଗୁଡ଼ିକ ସହ ମିଶି ବିକଳ୍ପ ରଣନୀତି ପ୍ରସ୍ତୁତ କରିବା ଏହି ଗସ୍ତର ମୂଳ ଲକ୍ଷ୍ୟ । ପ୍ୟାରିସରେ ବିଦେଶ ସଚିବ ଭାରତ-ଫ୍ରାନ୍ସ ବିଦେଶ କାର୍ଯ୍ୟାଳୟ ପରାମର୍ଶର ସହ-ଅଧ୍ୟକ୍ଷତା କରିବେ । ଏଠାରେ ପ୍ରତିରକ୍ଷା, ପରମାଣୁ ଶକ୍ତି, ମହାକାଶ ଗବେଷଣା, ସାଇବର ସୁରକ୍ଷା ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ । ବର୍ଲିନରେ ଜର୍ମାନ ପ୍ରତିପକ୍ଷଙ୍କ ସହ ବାଣିଜ୍ୟ, ନିବେଶ, ସ୍ୱଚ୍ଛ ଶକ୍ତି ଏବଂ ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ । ସେହିପରି ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ବର୍ତ୍ତମାନ ୟୁଏଇରେ ଅଛନ୍ତି । ସେଠାରେ ସେ ଶକ୍ତି ସୁରକ୍ଷା ଏବଂ ରଣନୈତିକ ଭାଗିଦାରୀକୁ ନେଇ ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରୁଛନ୍ତି । ଇରାନ-ଆମେରିକା ମଧ୍ୟରେ ଶାନ୍ତି ଆଲୋଚନା ଚାଲିଥିବା ବେଳେ ଭାରତ ନିଜର ତୈଳ ଓ ଗ୍ୟାସ୍ ଆବଶ୍ୟକତା ପାଇଁ ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳ । ତେଣୁ ଯୁଦ୍ଧ ପରିସ୍ଥିତିରେ ଯେପରି ଶକ୍ତି ସମ୍ପଦର ଦର ବୃଦ୍ଧି ନହୁଏ, ସେଥିପାଇଁ ଭାରତ ପୂର୍ବ ପ୍ରସ୍ତୁତି ଚଳାଇଛି । ମଧ୍ୟପ୍ରାଚ୍ୟରେ ଯଦି ଯୁଦ୍ଧ ଲମ୍ବା ସମୟ ଧରି ଚାଲେ, ତେବେ ଭାରତକୁ ମହଙ୍ଗା ଦରରେ ଶକ୍ତି ସମ୍ପଦ କିଣିବାକୁ ପଡ଼ିପାରେ । ଏହାକୁ ଦୃଷ୍ଟିରେ ରଖି ଭାରତ ଏବେଠାରୁ ବିଶ୍ୱର ପ୍ରଭାବଶାଳୀ ଦେଶମାନଙ୍କ ସହ ସମ୍ପର୍କ ସୁଦୃଢ଼ କରିବାରେ ଲାଗିଛି । ନିକଟରେ ଫ୍ରାନ୍ସ ରାଷ୍ଟ୍ରପତି ଏବଂ ଜର୍ମାନ ଚାନ୍ସଲର ଭାରତ ଗସ୍ତ କରିଥିବା ବେଳେ, ଏହି ଗସ୍ତ ସେହି ସମ୍ପର୍କକୁ ଆଉ ଏକ ପାଦ ଆଗକୁ ନେବ ବୋଲି ଆଶା କରାଯାଉଛି ।

୧.୩୪ ମିନିଟ କଥା ହେଲେ ଦୁଇ ନେତା

ନୂଆଦିଲ୍ଲୀ,୧୧/୪: ଶନିବାର ସଂସଦ ପରିସରରୁ ଏକ ଭିଡିଓ ସାମ୍ନାକୁ ଆସିଛି । ଭିଡିଓରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସଂସଦ ସଦସ୍ୟ ରାହୁଲ ଗାନ୍ଧୀଙ୍କ ମଧ୍ୟରେ କଥାବାର୍ତ୍ତା ହେଉଥିବାରୁ ଦେଖିବାକୁ ମିଳୁଛି । ଦୁଇ ନେତା ପ୍ରାୟ ୧ ମିନିଟ୍ ୩୪ ସେକେଣ୍ଡ ଧରି ଆଲୋଚନା କରୁଥିବା ଦେଖାଯାଇଛି । ଭିଡିଓରେ ଦେଖାଯାଉଛି ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମେ ଉପସ୍ଥିତ ଅନ୍ୟ ସାଂସଦମାନଙ୍କୁ ଅଭିବାଦନ କରୁଛନ୍ତି, ତା'ପରେ ରାହୁଲ ଗାନ୍ଧୀଙ୍କ ପାଖକୁ ଫେରି ତାଙ୍କ ସହିତ କଥାବାର୍ତ୍ତା କରୁଛନ୍ତି । ଗାନ୍ଧୀ ମଧ୍ୟ ସମ୍ମାନ ଜଣାଇ ହାତ ଯୋଡ଼ିଥିବା ଦେଖାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଗମନ ପରେ, ସମସ୍ତ ନେତା ତାଙ୍କୁ ସ୍ୱାଗତ କରିଥିଲେ । ତା'ପରେ ମୋଦୀ ରାହୁଲ ଗାନ୍ଧୀଙ୍କୁ ପୃଥକ ଭାବରେ ଭେଟିଥିଲେ, ଏବଂ ଦୁହେଁ କିଛି ସମୟ ପାଇଁ କଥାବାର୍ତ୍ତା କରିଥିଲେ । ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କହୁଥିବାର ଦେଖାଯାଉଛି, ଯେତେବେଳେ ରାହୁଲ ଗାନ୍ଧୀ ଧ୍ୟାନର ସହିତ ଶୁଣୁଛନ୍ତି ଏବଂ ମୁଣ୍ଡ ହଲାଇଛନ୍ତି । ଦୀର୍ଘ ଦିନ ହେଲା ଦୁଇ ନେତାଙ୍କ ମଧ୍ୟରେ ଏପରି ସାର୍ବଜନୀନ ଆଲୋଚନା ଦେଖିବାକୁ ମିଳିନାହିଁ । ସେମାନଙ୍କର ଜଣାଶୁଣା ରାଜନୈତିକ ମତଭେଦକୁ ଦୃଷ୍ଟିରେ ରଖି, ଏହି ସାକ୍ଷାତ ଆଲୋଚନାର ବିଷୟ ପାଲଟିଛି । ଏହି ଆଲୋଚନାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏହି ଅବସର ଥିଲା ମହାତ୍ମା ଜ୍ୟୋତିବା ଫୁଲେଙ୍କ ୨୦୦ତମ ଜନ୍ମବାର୍ଷିକୀ, ଯେଉଁଠାରେ ଅନେକ ନେତା ଶ୍ରଦ୍ଧାଞ୍ଜଳି ଦେବାକୁ ଆସିଥିଲେ । ରାହୁଲ ଗାନ୍ଧୀଙ୍କ ସହିତ ଓମ୍ ବିର୍ଲା, ଜେପି ନଡ୍ଡା, ହରିବଂଶ, ଏସ. ଜୟଶଙ୍କର ଏବଂ ଅର୍ଜୁନ ରାମ ମେଘୱାଲ ମଧ୍ୟ ଥିଲେ ।

ରାଜ୍ୟରେ ଖୁବଶୀଘ୍ର ଗଠନ ହେବ ପାନୀୟ ଜଳ ନିଗମ : ପଚାଂୟତିରାଜ ମନ୍ତ୍ରୀ

ଭୁବନେଶ୍ୱର,୧୧।୪ (ନି/ପ୍ର): ରାଜ୍ୟରେ ଖୁବଶୀଘ୍ର ଗଠନ ହେବ ପାନୀୟ ଜଳ ନିଗମ । ଗ୍ରାମ୍ୟ ପାନୀୟ ଜଳ ପରିଚାଳନା ଏବଂ ରକ୍ଷଣା ବେକ୍ଷଣ ନୀତି ୨୦୨୬ କାର୍ଯ୍ୟକାରୀ କରିବାରେ ରହିବ ବଡ଼ ଭୂମିକା । ନିଗମ ଗଠନ ନେଇ ଖୁ ଶୀଘ୍ର ଦୁଇଟି ରାଜ୍ୟକୁ ଓଡିଶା ଟିମ ଯିବ । ଏ ନେଇ ପଂଚାୟତରାଜ ମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି ।ମଧ୍ୟ ପ୍ରଦେଶ ଏବଂ କର୍ଣ୍ଣାଟକକୁ ଟିମ ଯାଇ ନିଗମର ରୂପରେଖ କେମିତି ହେବ ସେ ବାବଦରେ ଅନୁଧ୍ୟାନ କରିବେ । ଆଇଟି ଏବଂ ଡିଜିଟାଲ ପ୍ଲାଟଫର୍ମ ସହ ନିଗମ କାମ କରିବ । ୨୦୭ ମେଗା ପ୍ରକଳ୍ପ, ୧୮୭୦୦ ସିଙ୍ଗଲ ଭାଲଭ, ୬୫୫୧ ସୋଲାର ସିଷ୍ଟମ ପ୍ରକଳ୍ପକୁ ପରିଚାଳନା ନିଗମ ନିରୀକ୍ଷଣ କରିବ । ନୂଆ ନୀତିରେ ମେଗା

ଏପ୍ରିଲ ୨୭ ସୁଦ୍ଧା ସବୁ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପୋଷାକ ବଂଟନ ନେଇ ଏସ୍‌ଓପି ଜାରି

ଭୁବନେଶ୍ୱର,୧୧/୪(ନି/ପ୍ର): ଏପ୍ରିଲ ୨୭ ସୁଦ୍ଧା ସବୁ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ପୋଷାକ ବଂଟନ ନେଇ ଏସଓପି ଜାରି ହୋଇଛି । ଛୁଟି ଭିତରେ ସମସ୍ତଙ୍କୁ ଡ୍ରେସ ଯୋଗାଇ ଦିଆଯିବ । ୧୦ ତାରିଖ ଭିତରେ ଶ୍ରେଣୀ ବର୍ଗହିସାବରେ ନିର୍ଦ୍ଧାରଣ କରାଯିବା ସହ ୧୨ ତାରିଖ ସୁଦ୍ଧା ଏଜେନ୍ସି ଚୟନ କରାଯାଇ କାର୍ଯ୍ୟାଦେଶ ବଂଟନ କରାଯିବ । ଯେଉଁ ମାନେ ପୂର୍ବରୁ କାର୍ଯ୍ୟାଦେଶ ପାଇଥିଲେ,ସେମାନଙ୍କ ନାଁରେ କିଛି ଅଭିଯୋଗ ଥିଲେ କାଟି ଦିଆଯିବ । ଯେଉଁମାନଙ୍କ ନାଁରେ କିଛି ଅଭିଯୋଗ ନାହିଁ ସେମାନଙ୍କୁ ପୋଷାକ ବଂଟନ ଦାୟିତ୍ୱ ଦିଆଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

ସିଲିଣ୍ଡର ବିସ୍ଫୋରଣ : ବସ୍ତିରେ ଲାଗିଲା ନିଆଁ, ୩ ମୃତ

ନୂଆଦିଲ୍ଲୀ,୧୧/୪: ମୁମ୍ବାଇ ନିକଟବର୍ତ୍ତୀ ଭାୟନ୍ଦର ପୂର୍ବ ଅଚଂଳରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଇନ୍ଦ୍ରଲୋକ ପୁଲିସ୍ ଷ୍ଟେସନ ନିକଟରେ ଲୋଧା କମ୍ପ୍ଲେକ୍ସ ପଛରେ ଥିବା ଏକ ବେଆଇନ ବସ୍ତିରେ ଅଗ୍ନିକାଣ୍ଡ ଘଟି ସିଲିଣ୍ଡର ବିସ୍ଫୋରଣ ହୋଇଛି । ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ବିଳମ୍ବିତ ରାତିରେ ବସ୍ତି ଅଚଂଳରେ ହଠାତ୍ ନିଆଁ ଲାଗିଯାଇଥିଲା । ନିଆଁ ଶୀଘ୍ର ଆଖପାଖ ଘରକୁ ବ୍ୟାପି ଯାଇଥିଲା । ଏହି ସମୟରେ ଘରେ ଗଚ୍ଛିତ ଗ୍ୟାସ ସିଲିଣ୍ଡର ଗୁଡ଼ିକ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ହୋଇ ଅଚଂଳରେ ଆତଙ୍କ ଖେଳିଯାଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଚିଂ ନିଆଁକୁ ଆୟତ କରିବାକୁ ଉଦ୍ୟମ ଜାରି ରଖିଥିଲେ । ବିପଦପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ, କର୍ମଚାରୀମାନେ ମୋଟ ୨୯ଟି ସିଲିଣ୍ଡରକୁ ସୁରକ୍ଷିତ ଭାବରେ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ସିଲିଣ୍ଡର ବିସ୍ଫୋରଣରେ ଟିଣ ସେଡ୍ କୁଡ଼ିଆ ଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ କିଛି ଯାନବାହନ ଜଳି ପୋଡି ପାଉଁଶ ହୋଇଯାଇଥିଲା । ବର୍ତ୍ତମାନ୍ ପର୍ଯ୍ୟନ୍ତ ନିଆଁ ଲାଗିବାର କାରଣ ଜଣାପଡିନାହିଁ ।

ହିଙ୍ଗୋଲିରେ ଭୂକମ୍ପ ଝଟ୍‌କା

ନୂଆଦିଲ୍ଲୀ,୧୧/୪: ଆଜି ସକାଳେ ମହାରାଷ୍ଟ୍ରର ମରାଠୱାଡା ଅଚଂଳର ହିଙ୍ଗୋଲି ଜିଲ୍ଲାରେ ୪.୭ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି । ପଡ଼ୋଶୀ ନାନ୍ଦେଡ ଏବଂ ପରଭାନୀ ଜିଲ୍ଲାରେ ଏହି ଭୂମିକମ୍ପ ଅନୁଭୂତ ହୋଇଛି । ହିଙ୍ଗୋଲିର ପାଙ୍ଗରା ସିନ୍ଦେ ଗାଁରେ କିଛି ଘର ଏବଂ ସାମୁଦାୟିକ କୋଠାରେ ଫାଟ ସୃଷ୍ଟି ହୋଇଛି । ମୃତାହତ ନେଇ ବର୍ତ୍ତମାନ୍ ପର୍ଯ୍ୟନ୍ତ ସୂଚନା ମିଳିନି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ସକାଳ ୮:୪୫ ରେ ଭୂମିକମ୍ପ ରେକର୍ଡ କରାଯାଇଛି । ଏହାର କେନ୍ଦ୍ରସ୍ଥଳ ହିଙ୍ଗୋଲି ଜିଲ୍ଲାର ୱାସମତ ତାଲୁକାର ଶିରଲି ଗାଁରେ ଥିଲା । ଯାହାକି ଭୂମିଠାରୁ ଦଶ କିଲୋମିଟର ତଳେ ଥିଲା । ଆଜି ସକାଳେ ମହାରାଷ୍ଟ୍ରର ମରାଠୱାଡା ଅଚଂଳର ହିଙ୍ଗୋଲି ଜିଲ୍ଲାରେ ୪.୭ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି ।

୬୦ ଫୁଟ ତଳକୁ ଖସିଲା ଓଏସଆରଟି ବସ୍



କୋରାପୁଟ,୧୧/୪(ନି/ପ୍ର): ୬୦ ଫୁଟ ତଳକୁ ଖସିଲା ଓଏସଆରଟିସି ଭୋଲବ ବସ୍ । ଏଭଳି ଭୟଙ୍କର ଦୁର୍ଘଟଣା ଘଟିଛି କୋରାପୁଟ ଜିଲ୍ଲା ପଟାଙ୍ଗୀ ସୁଙ୍କି ଘାଟିରେ ଘଟିଛି । ରାତ୍ରୀ ପ୍ରାୟ ୨ ଟା ସମୟରେ ଘାଟିରେ ବସଟି ଯାଉଥିବା ବେଳେ ଭାରଶ୍ୟାମ ହରାଇ ତଳକୁ ଖସିପଡିଛି । ଖବର ପାଇ ଘଟଣାସ୍ଥଳରେ ସୁଙ୍କି ପୁଲିସ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଆମ୍ବୁଲାନ୍ସ କର୍ମଚାରୀ ଏବଂ ଅଗ୍ନିଶମ କର୍ମଚାରୀ ପହଚିଂ ବସ ଭିତରୁ ଲୋକମାନଙ୍କୁ ବାହାର କରିବା ଲାଗି ପ୍ରୟାସ ଆରମ୍ଭ କରିଛନ୍ତି । ବସ୍ ତଳେ ଜଣେ ପୁରୁଷ ଯାତ୍ରୀ ଚାପି ହୋଇ ରହିଥିଲେ । ତାଙ୍କୁ ଉଦ୍ଧାର କରି ନିଆଯାଇଥିବା ବେଳେ ନିକଟସ୍ଥତ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ଘଟିଥିବା ନେଇ ଜଣାପଡିଛି। ଅନ୍ୟ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ପଟାଙ୍ଗୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରାଯାଇଛି । କିଭଳି ଭାବରେ ବସଟି ଘାଟି ତଳକୁ ଖସିପଡିଲା ତାହା ସ୍ପଷ୍ଟ ହୋଇନାହି ।

ଶାନ୍ତି ଆଲୋଚନା ପାଇଁ ପାକିସ୍ତାନରେ ପହଚିଂଲେ ଇରାନୀ ପ୍ରତିନିଧିମଣ୍ଡଳୀ

ଇସଲାମାବାଦ,୧୧/୪: ଆମେରିକା-ଇରାନ ଶାନ୍ତି ଆଲୋଚନା ପାଇଁ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶୁକ୍ରବାର ଶନିବାର ବିଳମ୍ବିତ ରାତିରେ ପାକିସ୍ତାନର ରାଜଧାନୀ ଇସଲାମାବାଦରେ ପହଚିଂଛନ୍ତି । ପାକିସ୍ତାନର ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିର ଏବଂ ବୈଦେଶିକ ମନ୍ତ୍ରୀ ଇସାକ ଦାର ସେମାନଙ୍କୁ ସ୍ୱାଗତ କରିବା ପାଇଁ ନୁର ଖାନ ଏୟାର ବେସ୍‌ରେ ପହଚିଂଥିଲେ । ରିପୋର୍ଟ ଅନୁସାରେ, ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଏକ ଆମେରିକୀୟ ପ୍ରତିନିଧି ଦଳ ମଧ୍ୟ ପହଚିଂବେ । ଇସଲାମାବାଦ ଡାଏଲଗ୍ ନାମରେ ପରିଚିତ ଦୁଇ ଦେଶ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ଲକ୍ଷ୍ୟ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷର ସ୍ଥାୟୀ ସମାଧାନ ଖୋଜିବା । ପ୍ରାୟ ଛଅ ସପ୍ତାହର ସଂଘର୍ଷ ପରେ ଏହି ଆଲୋଚନା ଅନୁଷ୍ଠିତ ହେଉଛି । ତେଣୁ ଏହି ଶାନ୍ତି ବୈଠକକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଇରାନୀ ପ୍ରତିନିଧି ଦଳରେ ଅନେକ ପ୍ରମୁଖ ନେତା ଏବଂ ଅଧିକାରୀ ସାମିଲ ଅଛନ୍ତି । ଗାଲିବାଫଙ୍କ ସହିତ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି, ପ୍ରତିରକ୍ଷା ପରିଷଦ ସଚିବ ଅଲି ଆକବର ଅହମଦିୟାନ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟ ଅବଦୋଲନାସେର ହେମମାତି ମଧ୍ୟ ଅଛନ୍ତି । ଅନେକ ସଂସଦୀୟ ସଦସ୍ୟ, ସାମରିକ ଅଧିକାରୀ ଏବଂ ଅର୍ଥନୈତିକ ବିଶେଷଜ୍ଞ ମଧ୍ୟ ଏହି ପ୍ରତିନିଧି ଦଳରେ ସାମିଲ ଅଛନ୍ତି, ଯେଉଁମାନେ ବିଭିନ୍ନ ପ୍ରସଙ୍ଗରେ ଇରାନର ମତ ଉପସ୍ଥାପନ କରିବେ । ଜେଡି ଭାନ୍ସଙ୍କ ନେତୃତ୍ୱରେ ଆମେରିକାର ପ୍ରତିନିଧିମଣ୍ଡଳରେ ନୀତି ନିର୍ଦ୍ଧାରଣର ପ୍ରମୁଖ ବ୍ୟକ୍ତିତ୍ୱ ଷ୍ଟିଭ୍ ୱିଟକଫ ଏବଂ ଜାରେଡ୍ କୁଶନର ସାମିଲ ଅଛନ୍ତି । ଏହି ବୈଠକକୁ ୧୯୭୯ ଇରାନ ବିପ୍ଳବ ପରେ ଦୁଇ ଦେଶ ମଧ୍ୟରେ ସର୍ବୋଚ୍ଚ ସ୍ତରୀୟ ବୈଠକ ଭାବେ ବିବେଚନା କରାଯାଉଛି । ଆଲୋଚନା ଆରମ୍ଭ ହେବା ପୂର୍ବରୁ କିଛି ସର୍ତ୍ତ ସ୍ଥିର ହୋଇସାରିଛି । ଇରାନ ସ୍ପଷ୍ଟ କରିଛି ଯେ ଆମର ପ୍ରମୁଖ ଦାବି ପୂରଣ ହେଲେ ହିଁ ଆଲୋଚନା ଆଗକୁ ବଢ଼ିବ । ଏଥିରେ ଲେବାନନ୍‌ରେ ଯୁଦ୍ଧବିରତି ଏବଂ ଇରାନର ଜବତ ସମ୍ପତ୍ତିର ମୁକ୍ତି ଅନ୍ତର୍ଭୁକ୍ତ । ଗାଲିବାଫ କହିଛନ୍ତି, ଏହି ସର୍ତ୍ତ ବିନା ଅର୍ଥପୂର୍ଣ୍ଣ ଆଲୋଚନା ସମ୍ଭବ ହେବ ନାହିଁ । ହ୍ୱାଇଟ୍ ହାଉସ୍ ଅଧିକାରୀମାନେ ମଧ୍ୟ ଆଲୋଚନା ସମ୍ପର୍କରେ ଅନିଶ୍ଚିତତା ପ୍ରକାଶ କରିଛନ୍ତି । ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱୀକାର କରିଛନ୍ତି, ଆଲୋଚନା ସକାରାତ୍ମକ ଦିଗରେ ଅଗ୍ରଗତି ହେଲେ ମଧ୍ୟ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ସହଜ ହେବ ନାହିଁ । ଏହା ବ୍ୟତୀତ, ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଉତେଜନା ଶ

କାର୍ଗିଲ ହିରୋ କର୍ଣ୍ଣେଲ ୱାଙ୍ଗଚୁକ୍‌ଙ୍କ ପରଲୋକ

ନୂଆଦିଲ୍ଲୀ,୧୧/୪: କାର୍ଗିଲ ଯୁଦ୍ଧରେ ଅଦମ୍ୟ ସାହସ ଓ ବୀରତ୍ୱ ପ୍ରଦର୍ଶନ କରି ମହାବୀର ଚକ୍ର ପୁରସ୍କାର ହାସଲ କରିଥିବା ସ୍ଥଳସେନାର ଅବସରପ୍ରାପ୍ତ କର୍ଣ୍ଣେଲ ସୋନମ ୱାଙ୍ଗଚୁକ୍‌ଙ୍କର ଶୁକ୍ରବାର ପରଲୋକ ଘଟିଛି । ଏହି ପରିପ୍ରେକ୍ଷୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତାଙ୍କୁ 'ଲଦାଖର ସୁଯୋଗ୍ୟ ସନ୍ତାନ' ବୋଲି ଅଭିହିତ କରିବା ସହ ତାଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି ।

ୟୁପିରେ ଏସ୍‌ଆଇଆର୍ : ଉତର ପ୍ରଦେଶରେ ବିଜେପି ଗଡ଼ରେ ସର୍ବାଧିକ ଭୋଟର କଟିଲେ

ଲକ୍ଷ୍ନୌ,୧୧/୪: ସଦ୍ୟ ସମାପ୍ତ ହୋଇଥିବା ଏସ୍‌ଆଇଆର ପ୍ରକ୍ରିୟା ପରେ ଉତର ପ୍ରଦେଶରେ ଓଲଟା ପରିସ୍ଥିତି ଦେଖାଦେଇଛି । ରାଜ୍ୟ ନିର୍ବାଚନ କମିସନଙ୍କ ଦ୍ୱାରା ପ୍ରକାଶିତ ସଦ୍ୟତମ ତାଲିକା ସାଧାରଣ ଲୋକଙ୍କ ସହିତ ରାଜନୈତିକ ଦଳମାନଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି । ଏହି ଭୋଟର ତାଲିକା ଉତ୍ତର ପ୍ରଦେଶର ରାଜନୀତିର ଭବିଷ୍ୟତକୁ ଏକ ନୂତନ ମୋଡ଼ ଦେଇପାରେ ବୋଲି କୁହାଯାଉଛି । ଆଶ୍ଚର୍ଯ୍ୟଜନକ ଭାବରେ ଭାରତୀୟ ଜନତା ପାର୍ଟି ପାଇଁ ଏକଦା ଅଭେଦ୍ୟ ଦୁର୍ଗ ଭାବରେ ବିବେଚିତ ଅଚଂଳଗୁଡ଼ିକରେ ସବୁଠାରୁ ଅଧିକ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି । ନୂଆ ତାଲିକାରେ ୨କୋଟି ୪୦ ହଜାରରୁ ଅଧିକ ଭୋଟର ବାଦ୍ ପଡ଼ିଛନ୍ତି । ଉତର ପ୍ରଦେଶରେ ଏସ୍‌ଆଇଆର୍ ପରେ ପ୍ରକାଶିତ ଚୂଡ଼ାନ୍ତ ତାଲିକା ବିଜେପି ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ହୋଇଛି । ତଥ୍ୟ ଅନୁଯାୟୀ, ବିଜେପି ଦ୍ୱାରା ପ୍ରଭାବିତ ପ୍ରମୁଖ ସହରାଚଂଳରେ ଭୋଟରଙ୍କ ମତଦାନ ହାର ୧୮ ରୁ ୨୩ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି । କେବଳ ରାଜଧାନୀ ଲକ୍ଷ୍ନୌରେ ଭୋଟ ଅଂଶ ପ୍ରାୟ ୨୨.୮୯ ପ୍ରତିଶତ ହ୍ରାସ ପାଇଛି । ଗାଜିଆବାଦରେ ଏହି ସଂଖ୍ୟା ପ୍ରାୟ ୨୦ ପ୍ରତିଶତ ହ୍ରାସ ହୋଇଛି । ସେହିପରି, ନୋଏଡାରେ ୧୯.୩୩ ପ୍ରତିଶତ, କାନପୁର ନଗରରେ ୧୯.୪୨ ପ୍ରତିଶତ ଏବଂ ମିରଟରେ ୧୮.୭୫ ପ୍ରତିଶତ ହ୍ରାସ ରିପୋର୍ଟ କରାଯାଇଛି । ଏହି ସହରଗୁଡ଼ିକରେ ବିଜେପି ଲଗାତାର ଅପରାଜିତ ରହିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରକ୍ରିୟାର ପ୍ରାରମ୍ଭରେ ଇଙ୍ଗିତ ଦେଇଥିଲେ ଯେ, ସଂଶୋଧନ ଫଳରେ ବିଜେପି ସମର୍ଥକଙ୍କ ଭୋଟରେ ଯଥେଷ୍ଟ ହ୍ରାସ ଘଟିପାରେ, ଏବଂ ବର୍ତ୍ତମାନ ଚୂଡ଼ାନ୍ତ ସଂଖ୍ୟା ସେହି ଦିଗକୁ ସୂଚିତ କରୁଛି । ବିଜେପିର ସହରାଚଂଳ ଗଡ଼ ଗୁଡ଼ିକରେ ଭୋଟ ହ୍ରାସ ଯଥେଷ୍ଟ ପରିମାଣରେ ଦେଖାଦେଇଥିଲେ ମଧ୍ୟ, ମୁସଲିମ ବହୁଳ ଜିଲ୍ଲାଗୁଡ଼ିକରେ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରହିଛି । ତଥ୍ୟ ବିଶ୍ଳେଷଣରୁ ଜଣାପଡିଛି, ସଂଖ୍ୟାଲଘୁ ଜନସଂଖ୍ୟା ଅଧିକ ଥିବା ଅଚଂଳରେ ଭୋଟରଙ୍କୁ ତାଲିକାରୁ ବାଦ୍ ପ୍ରତିଶତ ଯଥେଷ୍ଟ କମ୍ ରହିଛି । ସହାରନପୁରରେ ୧୦.୪୮ ପ୍ରତିଶତ, ମୋରାଦାବାଦରେ ୧୦ ପ୍ରତିଶତ, ଶାମଲିରେ ୧୦.୯୩ ପ୍ରତିଶତ ଏବଂ ମୁଜାଫରନଗରରେ ୧୦.୩୮ ପ୍ରତିଶତ ଭୋଟର ବାଦ୍ ପଡ଼ିଛନ୍ତି । ଆମରୋହା ଏବଂ ଆଜମଗଡ଼ ଭଳି ଜିଲ୍ଲାରେ ମଧ୍ୟ ଏହି ସଂଖ୍ୟା ୯ ରୁ ୧୦ ପ୍ରତିଶତ ମଧ୍ୟରେ ରହିଛି । ବିଶେଷଜ୍ଞମାନଙ୍କ ଅନୁସାରେ ଏହା ୨୦୨୭ ନିର୍ବାଚନ ରଣନୀତି ଉପରେ ସିଧାସଳଖ ପ୍ରଭାବ ପକାଇପାରେ । ଏବେ, ରାଜନୈତିକ ଦଳଗୁଡ଼ିକୁ ସେମାନଙ୍କର ଭୋଟ ବ୍ୟାଙ୍କକୁ ହାତେଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ । ଭୋଟରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ହ୍ରାସ ରାଜ୍ୟ ସାରା ଅନେକ ଭିଆଇପି ଆସନର ସମୀକରଣକୁ ବିପର୍ଯ୍ୟସ୍ତ କରିଛି । ବିଶେଷକରି ଯେଉଁ ଆସନଗୁଡ଼ିକରେ ବିଜୟ ଏବଂ ପରାଜୟର ବ୍ୟବଧାନ ବହୁତ କମ୍ ଥିଲା, ସେଠାରେ ପ୍ରତିଯୋଗିତା ଏବେ ଅତ୍ୟନ୍ତ ଆକର୍ଷଣୀୟ ହେବାକୁ ଯାଉଛି ।

ରାଜଧାନୀରୁ ଆତଙ୍କବାଦୀକୁ ଗିରଫ କଲା ଦିଲ୍ଲୀ ସ୍ପେଶାଲ ବ୍ରାଚଂ

ଭୁବନେଶ୍ୱର,୧୧/୪(ନି/ପ୍ର): ରାଜଧାନୀର ୟୁନିଟ୍-୬ ଅଚଂଳରୁ ଜଣେ ଆତଙ୍କବାଦୀକୁ ଗିରଫ କରିଛି ଦିଲ୍ଲୀ ସ୍ପେଶାଲ ବ୍ରାଚଂ । ତାର ନାମ ଏସ କେ ଇମ୍ରାନ୍ ବୋଲି ଜଣାଯାଇଛି । ଗିରଫକରାଯିବା ପରେ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରି ୪ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଛି । ଏହି ଘଟଣା ପରେ ଅଧିକ ସତର୍କ ହୋଇଛି କମିସନରେଟ୍ ପୁଲିସ୍ । ଏହି ଯୁବକ ଜଣଙ୍କ କିଛି ମାସ ହେବ ୟୁନିଟ୍-୬ ଅଚଂଳର ଏକ ଭଡ଼ା ଘରେ ରହୁଥିଲା । ସେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଦେଶଦ୍ରୋହମୂଳକ ସ୍ଲୋଗାନ ପୋଷ୍ଟ କରୁଥିଲା । ଏହା ବାବଦରେ ଇମ୍ରାନ୍ ପାଖକୁ ବିଭିନ୍ନ ସୂତ୍ରରୁ ଟଙ୍କା ଆସୁଥିଲା । ଏପରିକି ତାର କେତେକ ଆତଙ୍କୀ ସଙ୍ଗଠନ ସହ ସଂପର୍କ ଥିବା କୁହାଯାଉଛି । ଏହି ଯୁବକ ଜଣଙ୍କ କେଉଁ ଉଦ୍ଦେଶ୍ୟରେ ଏପରି ଦେଶଦ୍ରୋହ କାମ କରୁଥିଲେ ତାହାର ଖୋଳତାଡ଼ କରିବ ଦିଲ୍ଲୀ ପୁଲିସ୍ ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

କେନ୍ଦୁଝର,୧୧/୪(ନି/ପ୍ର): ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝରରେ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମଟି ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଓଡ଼ିଶାର ପାରମ୍ପରିକ ଲୋକ କଳା ଓ ସଂସ୍କୃତିକୁ ପ୍ରଚାର ଓ ସୁରକ୍ଷା କରିବା। ଏହି ଅବସରରେ ଛାତ୍ରୀମାନେ ଓଡ଼ିଶୀ , ସମ୍ବଲପୁରୀ ନୃତ୍ୟ, କିର୍ତ୍ତନ, ଝୁମର ଓ ଆଦିବାସୀ ଲୋକନୃତ୍ୟ କଳାକୁ ଆକର୍ଷଣୀୟ ଢଙ୍ଗରେ ପ୍ରଦର୍ଶନ କରିଥିଲେ। ସେମାନଙ୍କର ସୁନ୍ଦର ପ୍ରଦର୍ଶନ ଛାତ୍ରୀ ମାନଙ୍କ ଭିତରେ ବହୁତ ପ୍ରଶଂସା ଅର୍ଜନ କରିଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ । ଅଧ୍ୟକ୍ଷ ଡ. ଲଳିତ ରଂଜନ ସାହୁ ଲୋକ କଳାର ଗୁରୁତ୍ୱ ବିଷୟରେ ମତ ରଖିଥିଲେ ଓ ଯୁବପିଢ଼ୀଙ୍କୁ ଏହି କଳାକୁ ଆଗକୁ ନେବା ପାଇଁ ପ୍ରେରଣା ଦେଇଥିଲେ। ଶେଷରେ, କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ରାଜ୍ୟସ୍ତରୀୟ ଝୁମର କଣ୍ଠଶିଳ୍ପୀ ଛାତ୍ରୀ ମାନସୀ ମହାନ୍ତ, ଓଡ଼ିଶୀ ନୃତ୍ୟ ଶିଳ୍ପୀ ଛାତ୍ରୀ ପୂଜାରାଣୀ ଦାସ ସମେତ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

କଳାମ ଇଂଟର ନେସନାଲ ସ୍କୁଲରେ ୧୦ତମ ବାର୍ଷିକ ଉତ୍ସବ

ଜୟପୁର,୧୧/୪(ନି/ପ୍ର): କଳାମ ଇଂଟରନେସନାଲ ସ୍କୁଲରେ ୧୦ତମ ବାର୍ଷିକ ଉତ୍ସବ ବୋରିଗୁମ୍ମା ଦୋରା କଲ୍ୟାଣ ମଣ୍ଡପ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ସ୍କୁଲର କୋ ଫାଉଣ୍ଡର ପୀତବାସ ରାଉତ ସଭାକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବୋରିଗୁମ୍ମା ଏସଡିପିଓ ସତ୍ୟବ୍ରତ ଲେଙ୍କା ଏବଂ କୋରାପୁଟ ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ ଯୋଗ ଦେଇଥିଲେ। ପାଶ୍ଚାତ୍ୟ ଢଙ୍ଗରେ ନ ଦୌଡ଼ି ଭାରତୀୟ ସଂସ୍କୃତିକୁ ନଜରରେ ରଖି ବିଦ୍ୟା ଅର୍ଜନ ଉପରେ ଧ୍ୟାନ ଦେବା ପାଇଁ ବିଧାୟକ ଗୁରୁତ୍ୱ ଆରୋପ କରିଥିଲେ। ବୋରିଗୁମ୍ମା ଏସଡିପିଓ ସତ୍ୟବ୍ରତ ଲେଙ୍କା, ଶିଶୁ ଅଧିକାର ଓ ସୁରକ୍ଷା ଉପରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ଉତ୍ସବର ମୁଖ୍ୟବକ୍ତା ସୁମନ୍ତ କୁମାର ସାହୁ(ଶିକ୍ଷାବିତ, ସୁବକ୍ତା ଇଂରାଜୀ ଅଧ୍ୟାପକ)ଚରିତ୍ର ଗଠନରେ ଶିକ୍ଷାର ଭୂମିକା ଓ ମନୁଷ୍ୟ ପାଇଁ ଶିକ୍ଷାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପଦ୍ମଲୋଚନ ରାଉତ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ପରିଚାଳନା କରିଥିଲେ। ସ୍କୁଲ ପ୍ରିନ୍ସିପାଲ ଶ୍ରୀମତୀ ଜୟଶ୍ରୀ ପରିଡ଼ା ସ୍କୁଲର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ଓ ଆସନ୍ତା ବର୍ଷର ଯୋଜନା ଉପରେ ସୂଚନା ଦେଇଥିଲେ। ଶିକ୍ଷୟତ୍ରୀ ମୋନାଲିସା ସାବତ ଏବଂ ମିସ ଦୀପ୍ତିରାଣୀ ମିଶ୍ର ମଂଚ ପରିଚାଳନା କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ବାର୍ଷିକ ଉତ୍ସବରେ ପ୍ରାୟ ୧୦୦୦ ଛାତ୍ରଛାତ୍ରୀ ଅଭିଭାବକ ଏବଂ ସାମ୍ବାଦିକ ଏବଂ ଅତିଥି ଉପସ୍ଥିତ ଥିଲେ।

ଚମ୍ପୁଆକୁ ସରକାରୀ ବସ୍ ଚଳାଚଳ ଦାବି

ଚମ୍ପୁଆ,୧୧/୪(ନି/ପ୍ର): ଉପାନ୍ତ ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟକୁ ସରକାରୀ ଚଳାଚଳ କରିବାକୁ ଦାବୀ ହେଉଛି । ବହୁଦିନରୁ ଚାଲୁଥିବା ବସଗୁଡିକ ମଧ୍ୟ ବନ୍ଦ ହୋଇଯିବା କାରଣରୁ ଚମ୍ପୁଆବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ବ୍ୟବସାୟୀ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ, ଚାକିରିଜୀବୀ, ସ୍ୱାସ୍ଥ୍ୟଗତ ଅସୁବିଧା ଜନିତ ସମସ୍ୟାର ସୁଧାର ନିମନ୍ତେ ବହୁସମୟରେ ଚମ୍ପୁଆ ଲୋକ ଦେହ ଦେଖାଇବା ନିମନ୍ତେ କଟକ, ଭୁବନେଶ୍ୱର ଆଦିକୁ ଯାତାୟାତ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହେଉଛି । ତେଣୁ ଉନ୍ନତ ମାନର ସରକାରୀ ବସ ଚଳାଚଳ ନିମନ୍ତେ ଦାବୀ ହୋଇ ଆସୁଅଛି । ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବୀ ହେଉଛି । ଏତଦବ୍ୟତୀତ ବଡବିଲରୁ ରିମୁଳି ଦେଇ ପୁରୀ ଏକ ସରକାରୀ ଭଲଭୋ ବସ ଯାତାୟାତ କରୁଛି । ସେହିଭଳି ଅନ୍ୟ ଏକ ଭଲଭୋ ବସ ଚମ୍ପୁଆରୁ ସିଧାସଳଖ ପୁରୀକୁ ଯାତାୟାତ କରିବାକୁ ଚମ୍ପୁଆବାସୀ ପୂର୍ବରୁ ଦାବୀ କରି ଆସୁଥିଲେ ମଧ୍ୟ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର କର୍ଣ୍ଣପାତ କରୁନଥିବା ଦେଖିବାକୁ ମିଳୁଛି । ଏ ଦିଗରେ ଜିଲାପ୍ରଶାସନ ଏବଂ ରାଜ୍ୟସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାରୀ ବସ ଚଳାଚଳ ସରକାରୀ ସୁବିଧା ମୁତାବକ ବା ସମୟ ପରିବର୍ତ୍ତନ କରି ଚଳାଚଳ କରିବାକୁ ଦୃଢ ଦାବୀ ହୋଇଛି। ଖବରନେବାରୁ ଜଣାପଡିଛି ଯେ ପୂର୍ବରୁ ଚମ୍ପୁଆ ରୁ କଟକକୁ ଭୋର ୪ଘ.୪୫ମିନିଟ ସମୟରେ ବାହାରି କେନ୍ଦୁଝର ଭାୟା ଘଟଗାଁ, ହରିଚନ୍ଦନପୁର, ଚଣ୍ଡିଖୋଲ ଦେଇ ଏକ ବସ ଚଳାଚଳ କରୁଥିଲା । ସେହି ଗାଡି କଟକରୁ ୧୨ଘ.୫୫ମିନିଟ ସମୟରେ ବାହାରି ଚମ୍ପୁଆକୁ ପ୍ରାୟ ରାତ୍ରୀ ୮ ଘଟିକା ସମୟରେ ପହଂଚୁଥିଲା। ସେହିପରି ଅନ୍ୟଏକ ସରକାରୀ ବସ ଭୁବନେଶ୍ୱରରୁ ପ୍ରାୟ ୮ ଘଟିକାରୁ ଆସି ଚମ୍ପୁଆକୁ ଦିନ ୨ ଘଟିକା ସମୟରେ ପହଂଚୁଥିଲା ଓ ସେହିଗାଡି ଚମ୍ପୁଆରୁ ପ୍ରାୟ ଦିନ ୩ ଘଟିକାରେ ଛାଡି ଭୁବନେଶ୍ୱରକୁ ରାତ୍ରୀ ୧୦ଘଟିକା ସମୟରେ ପହଂଚୁଥିଲା । ଲୋକେ ସେଥିରେ ଯାଆସ କରି ନିଜର କାମଦାମ ଆଦି କରୁଥିଲେ ଏବଂ ସବୁ ଠିକଠାକ ଚାଲୁଥିଲା । ମାତ୍ର ଗତ ତିନି ମାସ ହେବ ଗାଡିଗୁଡିକ ବନ୍ଦ ହୋଇଯାଇଛି । ଗାଡିଗୁଡିକ ବନ୍ଦ ହୋଇଯିବା କାରଣରୁ ଚମ୍ପୁଆ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ କେଉଁ କାରଣ ପାଇଁ ଗାଡିଗୁଡିକ ବନ୍ଦ ହେଲା ନା ଘରୋଇ ବସ ମାଲିକ ସଂଘର ଚାପ କ୍ରମେ ଗାଡିଗୁଡିକ ବନ୍ଦ ରହିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଭିନ୍ନକ୍ଷମ ନାବାଳିକାଙ୍କୁ ଗର୍ଭବତୀ କରି ଯୁବକ ଫେରାର ଘଟଣା
ବାହାର ରାଜ୍ୟରୁ ଅଭିଯୁକ୍ତ ଗିରଫ

ହାଟଡିହି,୧୧/୪(ନି/ପ୍ର): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧିନ ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ଦୁଷ୍କର୍ମ କରି ଫେରାର ଘଟଣାରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ମୁର୍ଗାଗୋଠ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାର ଏହି ଯୁବକକୁ ବାହାର ରାଜ୍ୟରୁ ବାନ୍ଧିଛି ପୁଲିସ । ଏସପିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଶେଷରେ ଅଭିଯୁକ୍ତ ବଳରାମ ହୋ ଓରଫ କାବୁ (୨୮)କୁ ପୁଲିସ ବାହାର ରାଜ୍ୟରୁ ଗୁରୁବାର ଗିରଫ କରିଥିବା ଏସଡିପିଓ କହିଛନ୍ତି । ଏସଡିପିଓଙ୍କ କହିବା ଅନୁସାରେ, ଅଭିଯୁକ୍ତ କିଛି ମାସ ପୂର୍ବରୁ ତାମିଲନାଡୁ ପଳାଇ ଥିଲା । ପୁଲିସ ଟିମ ବାହାର ରାଜ୍ୟକୁ ଯାଇ ଅଭିଯୁକ୍ତକୁ ଗିରଫ କରିଛି । ଭିନ୍ନକ୍ଷମ ନାବାଳିକାଙ୍କୁ ୪ମାସ ତଳେ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା ଗାଁର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବକ। ଘଟଣା ପ୍ରଘଟ ହେବାପରେ ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଗାଁ ରେ ଥିବା ସଂଖ୍ୟଲଘୁ ସମ୍ପ୍ରଦାୟର ଧର୍ମପୀଠ ଠାରେ ବ୍ୟାପକ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ଆନନ୍ଦପୁର ଥାନା ମୁର୍ଗାଗୋଠ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଖବରପାଇ ଜିଲ୍ଲା ଏସପି, ଆନନ୍ଦପୁର ଏସଡପିଓ, ସମସ୍ତ ଥାନା ଅଧିକାରୀ ପୁଲିସ ଫୋର୍ସ ସହ ଆସି ପହଚିଂ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପ୍ରାୟ ୪ମାସ ତଳେ ଗାଁର ନାବାଳିକା ଭନ୍ନକ୍ଷମ ଯୁବତୀ ନାଳକୁ ଗାଧୋଇ ଯାଇଥିବା ସମୟରେ ଗାଁର ବଳରାମ ହୋ ତାଙ୍କୁ ଦୁଷ୍କର୍ମ କରିଥିଲା। ହେଲେ ଏ ସମ୍ପର୍କରେ ଭୟରେ ପରିବାର ଲୋକଙ୍କୁ ଜଣାଇନଥିଲେ ପୀଡ଼ିତା। ଗତକାଲି ନାବାଳିକା ଜଣଙ୍କ ଅସୁସ୍ଥ ହେବାରୁ ତାଙ୍କୁ ମେଡିକାଲ ନେଇଥିଲେ ପରିବାର ଲୋକେ। ସେହିଠାରେ ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଜଣା ପଡିଥିଲା। ଏବେ ପୁଲିସ ଶାନ୍ତି କମିଟି ଗଠନ କରି ଗାଁରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଛି। ତେଣେ ଅଭିଯୁକ୍ତକୁ ଧରିବା ଲାଗି ବି ପୁଲିସ ତତ୍ପର ହୋଇଉଠିଥିଲା।

ଜାଗାବାଡ଼ିକୁ ନେଇ ବିବାଦ, ମହିଳାଙ୍କୁ ଘରୁ ଘୋଷାଡ଼ି ବାହାର କରିଦେଲେ ପଡ଼ୋଶୀ

ହାଟଡ଼ିହି,୧୧/୪(ନି/ପ୍ର): ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଜଣେ ବିଧବା ମହିଳାଙ୍କୁ ପଡ଼ୋଶୀ ମାଡ଼ମାରିବା ସହ ଘରୁ ଘୋଷାଡ଼ି ବାହାର କରିଦେଇଛନ୍ତି। ଶେଷରେ ଗ୍ରାମବାସୀଙ୍କ ହସ୍ତକ୍ଷେପରେ ଉକ୍ତ ମହିଳାଙ୍କୁ ପୁଣି ସୁରକ୍ଷା ଦିଆଯାଇ ଥଇଥାନ କରାଯାଇଛି। ଗ୍ରାମର ସ୍ୱର୍ଗତଃ ମହେଶ୍ୱର ନାୟକଙ୍କ ବିଧବା ପତ୍ନୀ ମନୋରମାଙ୍କଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀ ତାଙ୍କର ମୋଟ ୧୪ଡିସିମିଲ ଘରବାଡ଼ିରୁ ଘରର ଦକ୍ଷିଣ ଦିଗକୁ ଅର୍ଜୁନ ଜେନାଙ୍କୁ ୫ ଡ଼େସିମିଲ ଜାଗା ବିକ୍ରି କରିଥିଲେ। ଉନ୍ତର ଦିଗରେ ଥିବା ଗୌରାଙ୍ଗ ଜେନାଙ୍କୁ ଚାରି ଡ଼େସିମିଲ ଜମି ବିକ୍ରି କରିଥିଲେ କ୍ଷ ବର୍ତ୍ତମାନ ଗୌରାଙ୍ଗ ଜେନା ବଳପୂର୍ବକ ମନୋରମା ନାୟକଙ୍କ ବଳକା ୫ ଡିସିମିଲ ଘରବାଡ଼ିରୁ ଦଖଲ କରିବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ତାଙ୍କୁ ନାନାଦି ପ୍ରକାରର ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଛନ୍ତି। ଏନେଇ ମନୋରମା ବାରମ୍ବାର ପଚାଂୟତ ଓ ଥାନାର ଦ୍ୱାରସ୍ଥ ହୋଇଥିଲେ ବି ନ୍ୟାୟ ମିଳୁନାହିଁ। ଆଜକୁ ଚାରି ବର୍ଷ ତଳେ ସ୍ୱାମୀଙ୍କ ଦେହାନ୍ତ ପରେ ଝିଅ ବିବାହ କରିସାରିଛନ୍ତି।୧୫ବର୍ଷର ପୁଅ ପେଟ ପୋଷିବା ପାଇଁ ବାହାରକୁ ପଳାଇଛି। ଏପରି ଅବସ୍ଥାରେ ତାଙ୍କ ୮୪ବର୍ଷୀୟା ନିଜ ମାଆଙ୍କୁ ପାଖରେ ରଖି ମନୋରମା ଘରେ ରହୁଥିବା ବେଳେ ପଡୋଶୀ ଗୌରାଙ୍ଗ ଜେନା ତାଙ୍କ ପୁଅ ପ୍ରିୟବ୍ରତ, ଖଗେଶ୍ୱର ଓ ସ୍ତ୍ରୀ ସରସ୍ୱତୀ ଜେନା ମିଶି ବିଧବା ମନୋରମାଙ୍କୁ ମାରପିଟ କରି ଘରୁ ବାହାର କରିଦେଇଛନ୍ତି। ଗତ ତିନିଦିନ ଧରି ଲାଗି ରହିଥିବା କାଳବୈଶାଖୀ ସମୟରେ ମନୋରମା ଓ ତାଙ୍କ ବୁଢ଼ୀ ମାଆ ସାହି ଲୋକଙ୍କ ବାରଣ୍ଡାରେ ମୁଣ୍ଡ ଗୁଞ୍ଜି ଆଶ୍ରୟ ନେଇଛନ୍ତି। ଗୌରାଙ୍ଗ ଜେନାଙ୍କ ପରିବାର ମନୋରମାଙ୍କ ଘର ଆଗରେ ଢ଼ଳେଇ ଖୁଂଟ ପକାଇ ଲୁହା ତାର ବାଡ଼ ବେଢ଼ିବା ସହ ବାଉଁଶ କଣିରେ ଘର ସମ୍ମୁଖକୁ ବାଡ଼ ବୁଜି ଆବଦ୍ଧ କରି ଦେଇଥିଲେ । ବୁଧବାର ସନ୍ଧ୍ୟାରେ ଗ୍ରାମର କିଛି ଯୁବକ ଏଭଳି ଘଟଣା ଶୁଣିବା ପରେ ଗ୍ରାମର କିଛି ମୁଖିଆ ଶ୍ରେଣୀର ଲୋକଙ୍କୁ ଏକଜୁଟ କରି ମନୋରମାଙ୍କୁ ନ୍ୟାୟ ଦେବା ନେଇ ନିଷ୍ପତ୍ତି ନେଇଥିଲେ। ଗୁରୁବାର, ସେମାନେ ଏକଜୁଟ ହୋଇ ମନୋରମାଙ୍କ ଘର ସମ୍ମୁଖରୁ ତାରବାଡ଼ ଓ ବାଉଁଶ ବାଡ଼ ଉପାଡ଼ି ମନୋରମାଙ୍କୁ ଥଇଥାନ କରିଥିଲେ। ଖବରପାଇ ନନ୍ଦିପଦା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି , ଏଏସଆଇ ସୁଷମା ସେଠୀ ପ୍ରମୁଖ ଘଟଣା ସ୍ଥଳରେ ପହଚିଂ ତଦନ୍ତ କରିଛନ୍ତି। ମନୋରମାଙ୍କ କ୍ଷେତ୍ରରେ ମାନବାଧିକାର ଉଲଂଘନ ଭଳି ଘଟଣା ଘଟିଥିବାରୁ ଆସାମୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

ରକ୍ତଦାନ ଶିବିର ଅନୁଷ୍ଠିତ,୩୦ ୟୁନିଟ ରକ୍ତ ସଂଗ୍ରହ

ପୁରୀ,୧୧/୪(ନି/ପ୍ର): ଓଡ଼ିଆ ପକ୍ଷ ପାଳନର ୮ ମ ଦିବସରେ ଆଜି ପୁରୀ ଜିଲ୍ଲା ପ୍ରଶାସନ ରେଡକ୍ରସ ଶାଖା ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ଏଥିରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏହି ଶିବିର କୁ ଉଦଘାଟନ କରିବା ସହ ରକ୍ତ ଦାନ ଏକ ମହତ ଦାନ ।ଏଥିପାଇଁ ରକ୍ତ ଦାନ କରି ପ୍ରମାଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ ।ରକ୍ତ ର ସବୁବେଳେ ଆବଶ୍ୟକତା ରହିଛି ।ଅନେକ ଅମୂଲ୍ୟ ଜୀବନ ରକ୍ତ ଅଭାବ ରୁ ନଷ୍ଟ ହୋଇ ଯାଉଛି ।ବର୍ତ୍ତମାନ ଗୋଟିଏ ୟୁନିଟ ରକ୍ତ ରୁ ପୃଥକୀକରଣ ମାଧ୍ୟମରେ ଏକାଧିକ ଜୀବନ ରକ୍ଷା କରା ଯାଇପାରୁଛି ।ତେଣୁ ପ୍ରତ୍ୟେକ ରକ୍ତ ଦାନ କରିବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ। ଏହି ଶିବିର ରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡା ବିପିନ ବିହାରୀ ଖୁଣ୍ଟିଆ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ,ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା,ସୂଚନା ଓ ଲୋକ ସମ୍ପର୍କରେ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିବିର ପରିଚାଳନା କରିଥିଲେ ।।

ଓଡିଶାର ୮ ଜଣ ଇଏମଆରଏସ ଛାତ୍ରଛାତ୍ରୀ ନୂଆଦିଲ୍ଲୀରେ ନେବେ ଜେଇଇ ଆଡଭାନ୍ସଡ୍ କୋଚିଂ

ଭୁବନେଶ୍ୱର,୧୧/୪(ନି/ପ୍ର): ଓଡିଶାରେ ଆଦିବାସୀ ଶିକ୍ଷାକୁ ଗୁରୁତ୍ୱ ଦେଇ ଅବିରତ କାର୍ଯ୍ୟ କରୁଛି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମଆରଏସ) । ଏହି ବିଦ୍ୟାଳୟରୁ ଚଳିତ ଜେଇଇ ମେନ୍ ୨୦୨୬ (ଫେଜ୍-୧) ରେ ସଫଳତାର ସହ ଯୋଗ୍ୟତା ହାସଲ କରିଛନ୍ତି ୧୧ ଜଣ ଛାତ୍ରଛାତ୍ରୀ। ଏହି ୧୧ ଜଣରୁ ୮ ଜଣଙ୍କୁ ନୂଆଦିଲ୍ଲୀର ଜାତୀୟ ଜନଜାତି ଛାତ୍ର ସମାଜ (ଏନଇଏସଟିଏସ) ଅଧୀନରେ ସ୍ୱତନ୍ତ୍ର ଜେଇଇ ଆଡଭାନ୍ସଡ୍ କୋଚିଂ ପାଇଁ ମନୋନୀତ କରାଯାଇଛି। ଇଏମଆରଏସ କରଞ୍ଜିଆ ଏବଂ ଇଏମଆରଏସ ଲହୁଣିପାରାରୁ ୩ ଜଣ, ଇଏମଆରଏସ ରାଙ୍କିରୁ ଜଣେ ଏବଂ ଇଏମଆରଏସ ବାଙ୍ଗିରିପୋଷିରୁ ଜଣେ ଛାତ୍ର ଅନ୍ତର୍ଭୁକ୍ତ। ଛାତ୍ରଛାତ୍ରୀମାନେ ଜାତୀୟ ରାଜଧାନୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି, ତାଙ୍କ ସହିତ ଶିକ୍ଷୟିତ୍ରୀ ପ୍ରିୟଙ୍କା କୁମାରୀ ମଧ୍ୟ ଅଛନ୍ତି । ଏହି ପଦକ୍ଷେପ ଆଦିବାସୀ ଛାତ୍ରମାନଙ୍କୁ ଦେଶବ୍ୟାପୀ ପ୍ରମୁଖ ଇଞ୍ଜିନିୟରିଂ ପ୍ରତିଷ୍ଠାନରେ ଗୁଣାତ୍ମକ ଶିକ୍ଷା ଏବଂ ପ୍ରତିଯୋଗିତାମୂଳକ ସୁଯୋଗ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବ । ଓଡ଼ିଶା ଆଦର୍ଶ ଜନଜାତି ଶିକ୍ଷା ସମାଜର ଯୁଗ୍ମ ନିର୍ଦ୍ଦେଶକ ପ୍ରଣତି ପାତ୍ର, ଆଦିବାସୀ ଶିକ୍ଷାକୁ ପ୍ରୋତ୍ସାହିତ କରିଥିବାରୁ ଏନଇଏସଟିଏସ କମିଶନର ଶ୍ରୀ ଅଜିତ କୁମାର ଶ୍ରୀବାସ୍ତବଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନାଯୋଗ୍ୟ, ଇଏମଆରଏସ କରଞ୍ଜିଆର ଅଭିଶ ଆଲାମ ଜେଇଇ ମେନ୍ ରେ ୯୭.୫୦ ପ୍ରତିଶତ ନମ୍ବର ରଖିଛନ୍ତି । ଅନ୍ୟ ସଫଳ ପ୍ରାର୍ଥୀଙ୍କ ମଧ୍ୟରେ ଇଏମଆରଏସ ରାଙ୍କିରୁ ରିଙ୍କିରାଣୀ ନାଏକ, ସୁନୀଲ କୁମାର ନାଏକ ଏବଂ ସୁନିଆ ହେମ୍ବ୍ରମ; ଇଏମଆରଏସ କରଞ୍ଜିଆରୁ ସାମୁ ପଲେଇୟା; ଇଏମଆରଏସ ଲାହୁନିପଡ଼ାରୁ ଇଷ୍ଟିଫାନ ହେମ୍ବ୍ରମ, ପୂଜାରାଣୀ କିଷାନ, ଦୀପା କିଷାନ, ରବିନ ଓରାମ, ଏବଂ ସାଲଖୁ ହେମ୍ବ୍ରମ; ଏବଂ ଇଏମଆରଏସ ବାଙ୍ଗିରିପୋଷିରୁ ଠାକୁର ମୁର୍ମୁ ଅନ୍ତର୍ଭୁକ୍ତ ।

ଶିକ୍ଷା ସଚେତନତା ରଥକୁ ସ୍ୱାଗତ

ଭଦ୍ରକ, ୧୧/୪(ନି/ପ୍ର): ଏହି ଜିଲାର ବନ୍ତ ବ୍ଲକ ଅଧିନ ବିଭିନ୍ନ କ୍ଲଷ୍ଟରରେ ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଇଛି। ବିଦ୍ୟାଳୟ ପ୍ରତି ପିଲା ମାନଙ୍କୁ ଆକୃଷ୍ଟ କରିବା ଏବଂ ଡ୍ରପ୍ ଆଉଟ୍ ରୋକିବା ପାଇଁ ଆସ ସ୍କୁଲ ଯିବା, ପଢ଼ିବା, ଗଢ଼ିବା ଏପରି ସ୍ୱାଗତ ଓ ସଚେତନତା ସଙ୍ଗୀତ ଗାନ କରି ଶିକ୍ଷା ସଚେତନତା ରଥ ବିଭିନ୍ନ ପଂଚାୟତ ପରିକ୍ରମା କରିଛି। ବ୍ଲକ ଶିକ୍ଷାଧିକାରୀ ଡ.ସୁକୀର୍ତି କରଙ୍କ ତତ୍ୱାବଧାନ ଓ ବିଆରସିସି ହରେକୃଷ୍ଣ ଆପଟଙ୍କ ସଂଯୋଜନାରେ ଏହି ରଥ ବିଭିନ୍ନ ଗ୍ରାମ ପରିକ୍ରମା କରୁଛି । ଏହି ଅବସରରେ କାଦବରାଙ୍ଗ କ୍ଲଷ୍ଟର ଅଧିନ ବାଙ୍କତୀରା ସରକାରୀ ଉପ୍ରା ଓ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପରିକ୍ରମା ରଥକୁ ସ୍ୱାଗତ କରାଯାଇଥିଲା । ସ୍ୱାଗତ ବେଳେ ବାଙ୍କତୀରା ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ପାତ୍ର, ଶିକ୍ଷକ ନୃସିଂହ ଆଇଚ, ପାର୍ଥ ସାରଥୀ ମୁଦୁଲି, ଗୟାଧର ସାମଲ, ଶିକ୍ଷୟିତ୍ରୀ ଲିଜାସ୍ମିତା ଦାସ, ସୁଶୀଳା ନାୟକ ଏବଂ ବାଙ୍କତୀରା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ଭୂୟାଁ, ଶିକ୍ଷକ ଦେବେନ୍ଦ୍ର ଦାଶ, ଶିକ୍ଷୟିତ୍ରୀ ସଂଯୁକ୍ତା ସ୍ୱାଇଁଙ୍କ ସମେତ ପରିଚାଳନା କମିଟିର କର୍ମକର୍ତ୍ତା, ସଦସ୍ୟ ଏବଂ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ । ସେହିପରି କାଦବରାଙ୍ଗ କ୍ଲଷ୍ଟର ଅଧିନ ବନ୍ତଳା ନୋଡାଲ ଉପ୍ରା ବିଦ୍ୟାଳୟ ଏବଂ ଅଣିଜୋ କ୍ଲଷ୍ଟର ଅଧିନ କୁସୁନ ନଗର ନୋଡାଲ ଉପ୍ରା ବିଦ୍ୟାଳୟ ପକ୍ଷରୁ ଶିକ୍ଷା ସଚେତନତା ରଥକୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ- ୨୦୨୫-୨୬ରେ ୮୯.୫ ପ୍ରତିଶତ ଅର୍ଥ ଖର୍ଚ୍ଚ
ପୂର୍ବବର୍ଷର ସଫଳତାକୁ ଆଧାର କରି ଆହୁରି ଉଚ୍ଚ ଲକ୍ଷ୍ୟ ରଖନ୍ତୁ: ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର, ୧୧/୪(ନି/ପ୍ର): ଗ୍ରାମ୍ୟ ଉନ୍ନୟନ, ପଚାଂୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଆଜି ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ୨୦୨୫-୨୬ ବର୍ଷର କାର୍ଯ୍ୟର ସଫଳତା ଏବଂ ୨୦୨୬-୨୭ ବର୍ଷ ପାଇଁ ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ବୈଠକ ଆରମ୍ଭରେ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଯାମିନୀ ଷଡ଼ଙ୍ଗୀ ବିଭାଗୀୟ ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୮୯.୪୫ ପ୍ରତିଶତ ଅର୍ଥ ବିନିଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ୮ମ ସ୍ଥାନରେ ଥିବା ବେଳେ, ନୂତନ ଜ୍ଞାନକୌଶଳ ଓ ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ମାନ୍ୟବର ମନ୍ତ୍ରୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ପୂର୍ବବର୍ଷର ସଫଳତାକୁ ଆଧାର କରି ଆହୁରି ଉଚ୍ଚ ଲକ୍ଷ୍ୟ ରଖିବା ସହିତ ଚଳିତ ବର୍ଷରେ ନିଜ ପ୍ରଦର୍ଶନକୁ ନିଜେ ଅତିକ୍ରମ କରିବା ପାଇଁ ଅଧିକ ସଂକଳ୍ପ ଓ ପ୍ରୟାସ ସହ କାମ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତ ପ୍ରକାଶ କରିଥିଲେ। ସମୟର ଉପଯୁକ୍ତ ବ୍ୟବହାର ଏବଂ ବିଭାଗୀୟ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ଷା ଦିନ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଉ , ଯେପରି ବର୍ଷା ଛାଡ଼ିବା ମାତ୍ରେ କାମ ଦ୍ରୁତ ଗତିରେ ଆରମ୍ଭ ହୋଇପାରିବ। ଏହି ବୈଠକରେ 'ମିଶନ ପାୱାର' ମାଧ୍ୟମରେ ଅପହଂଚ ଗାଁଗୁଡିକୁ ପକ୍କା ରାସ୍ତାରେ ଯୋଡ଼ିବା ପାଇଁ ଆଲୋଚନା ମଧ୍ୟ କରାଯାଇଛି। କେଉଁ ଜିଲ୍ଲାରେ କେତେ 'ଅନକନେକ୍ଟେଡ୍ ହାବିଟେସନ୍ସ' ରହିଛି ତାହାର ସବିସ୍ତୃତ ସମୀକ୍ଷା କରାଯାଇଛି ଏବଂ ଲକ୍ଷ୍ୟ ହାସଲ ପାଇଁ ସମୟସୀମା ମଧ୍ୟ ନିର୍ଦ୍ଧାରିତ କରାଯାଇଛି। ଆଗାମୀ ମାସଗୁଡ଼ିକରେ ସଂଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଛି। ଆବଶ୍ୟକତାମୂଳକ ଅଂଚଳଗୁଡ଼ିକୁ ଚିହ୍ନଟ କରିବା ସହ ଉନ୍ନୟନର ଲାଭ ସମସ୍ତ ଅଂଚଳରେ ସମାନ ଭାବରେ ପହଂଚିବା ସୁନିଶ୍ଚିତ କରିବାକୁ ମାନ୍ୟବର ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟର ଗ୍ରାମାଂଚଳ ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ନୂତନ ରାସ୍ତା ନିର୍ମାଣ ଭଳି ପୁରୁଣା ରାସ୍ତାର ମରାମତି ଓ ସୁଦୃଢ଼ିକରଣ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଉନ୍ନତ ଭିତ୍ତିଭୂମି ହିଁ ସରକାରଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ମଜବୁତ କରିଥାଏ। ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସର୍ବେଶ୍ୱର ସିଂହ ଏବଂ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ପ୍ରଦୀପ କୁମାର ଜେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତିରେ ରାଜ୍ୟର ସମସ୍ତ ସର୍କଲ ଏବଂ ଡିଭିଜନ ହେଡ ନିଜ ନିଜ ଅଂଚଳର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକ ବିଭାଗୀୟ ପ୍ରକ୍ରିୟା ଏବଂ ଉନ୍ନତ କାର୍ଯ୍ୟ କୌଶଳ ସମ୍ପର୍କରେ ଜ୍ଞାନ ଓ ଧାରଣା ବିନିମୟ ପାଇଁ ଏକ ମଂଚ ପ୍ରଦାନ କରିଥିଲା।



ମା' ତାରିଣୀଙ୍କ ଚଇତି ପର୍ବ ଆରମ୍ଭ, ସୁନାବେଶରେ ଦର୍ଶନ ଦେଲେ ମା'

ହାଇସ୍କୁଲରେ ଶିକ୍ଷକ ଅଭାବ, ଜିଲ୍ଲାପାଳଙ୍କୁ ଭେଟିଲେ ଅଭିଭାବକ

କେନ୍ଦ୍ରାପଡ଼ା, ୧୧/୪(ନି/ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତରଙ୍ଗ ହାଇସ୍କୁଲରେ ଦୀର୍ଘଦିନ ହେଲା ଶିକ୍ଷକ/ଶିକ୍ଷୟିତ୍ରୀ ଅଭାବ ଥିବାରୁ ଛାତ୍ରଛାତ୍ରୀମାନେ ପାଠପଢ଼ାରୁ ବଂଚିତ ହେବାସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ପ୍ରଧାନ ଶିକ୍ଷକଙ୍କ ଅବସର ପରେ ମାତ୍ର ଜଣେ ଶିକ୍ଷୟିତ୍ରୀ ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ଅସମ୍ଭବ ହୋଇପଡ଼ିଛି। ଏ ନେଇ ପୂର୍ବତନ ସରପଂଚ ତଥା ସମାଜସେବୀ ରାଜନ ପ୍ରସାଦ ଥାଟୋଇଙ୍କ

ବିବିଧା

ହାର୍ଟ ପାଇଁ ଏସବୁ ଖାଦ୍ୟ ବିପଦ



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ ହୃଦ୍‌ଜନିତ ସମସ୍ୟା ଅନ୍ୟତମ। ତେବେ କେତେକ ଖାଦ୍ୟ ପ୍ରତି ସତର୍କ ରହିଲେ ଏଭଳି ସମସ୍ୟାଠାରୁ ଆପଣ ନିଜକୁ କେତେକାଂଶରେ ଦୂରେଇ ରଖିପାରିବେ। ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢା ମାଂସ ହୃଦ୍‌ରୋଗ ସୃଷ୍ଟି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଅନ୍ୟପକ୍ଷରେ ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରୁ ମିଳୁଥିବା କୋଲେଷ୍ଟରଲର ପରିମାଣ ଅଧିକ ହୋଇଥିବାରୁ ଏହା ହାର୍ଟ ପାଇଁ ଆଦୌ ଅନୁକୂଳ ନୁହେଁ। ସେହିପରି ବେଶି ଚିନି, ଗୁଡ଼ କିମ୍ବା ମିଷ୍ଟାନ୍ନଜାତୀୟ ଖାଦ୍ୟ ଖାଇଲେ ସେଥିରେ ଥିବା ଶ୍ୱେତସାର ଚର୍ବିରେ ପରିଣତ ହୋଇ ଦେହରେ ଜମିଯାଏ ଓ ହୃଦ୍‌ରୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦିଏ। ବେଶି ଲୁଣ, ଫାଷ୍ଟଫୁଡ଼, ଜଙ୍କଫୁଡ଼ ଏବଂ ତେଲରେ ଭଜା ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃଦ୍‌ପିଣ୍ଡ ପାଇଁ କ୍ଷତିକାରକ। ପ୍ରତିଦିନ ଯଥେଷ୍ଟ ପରିମାଣର ତଟକା ଫଳମୂଳ, ଶାଗ ଓ ପନିପରିବା ଖାଇବା ନିରାପଦ। ରୋଷେଇକାମ ପାଇଁ ସୋରିଷ ତେଲ, ସୋୟାବିନ୍ ତେଲ, ବାଦାମ ତେଲ ଓ ସୂର୍ଯ୍ୟମୁଖୀ ତେଲ ଭଲ। କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ୍ ମଧ୍ୟ ଉପାଦେୟ। ସବୁଦିନେ ଚୂନାମାଛ ଖାଇପାରିଲେ ତାହା ମଧ୍ୟ ହାର୍ଟ ପାଇଁ ବେଶ୍ ଉପକାରୀ।

ଛାଡ଼ପତ୍ରକୁ ନେଇ ମୁହଁ ଖୋଲିଲେ ଅଙ୍କିତା

ଟେଲିଭିଜନ୍‌ର ଚର୍ଚ୍ଚିତ କପଲ୍। ଭାରି ଚର୍ଚ୍ଚିତ ଯୋଡ଼ି। ଅଭିନୟ-ପ୍ରେମ ପରେ ବିବାହ। ସମୟ ଥିଲା କରଣ ପଟେଲଙ୍କୁ କୁହାଯାଉଥିଲା ଛୋଟ ପରଦାର ଶାହରୁଖ ଖାନ୍। କିନ୍ତୁ ଅହଙ୍କାର ଏବଂ ନିଶା ପାଇଁ ଧୀରେ ଧୀରେ ସେ ଟିଭିରୁ ଦୂରେଇ ଗଲେ। ଦୀର୍ଘ ଦିନ ପରେ ତାଙ୍କୁ The ୫ ଶୋରେ ଦେଖିବାକୁ ମିଳିଥିଲା। କିନ୍ତୁ ୧୦ ଦିନ ପରେ ସେ ଶୋରୁ ବାହାରିଗଲେ। ଏହା ପରେ ତାଙ୍କୁ ନେଇ ଅନେକ କଥା ଶୁଣିବାକୁ ମିଳିଥିଲା। ଏମିତି ବି ଚର୍ଚ୍ଚା ହୋଇଥିଲା କି, ତାଙ୍କର ବୈବାହିକ ଜୀବନରେ ଉଠିଛି ଝଡ଼। ବୋଧହୁଏ ତାଙ୍କ ପତ୍ନୀ ସହ ଛାଡ଼ପତ୍ର ହେବାର ସମ୍ଭାବନା ଅଛି। ତେବେ ଏବେ ଚର୍ଚ୍ଚା ପରେ ମୁହଁ ଖୋଲିଛନ୍ତି କରଣଙ୍କ ପତ୍ନୀ ଅଙ୍କିତା ଭାର୍ଗବ। ଡିଭୋର୍ସ ଖବର ଭିତରେ ନୀରବତା ଭଙ୍ଗ କରିଛନ୍ତି ଅଙ୍କିତା। ସେ କହିଛନ୍ତି ମୋର କିଛି ଫରକ ପଡ଼ିବନି। ଯେଉଁମାନେ କରଣଙ୍କ ବିଷୟରେ କିଛି ଚର୍ଚ୍ଚା କରୁଛନ୍ତି ସବୁ ମନଗଢ଼ା କାହାଣୀ। ଦୁଇ ବର୍ଷ ପରେ ତାଙ୍କୁ ସେ ବିଷୟରେ ଜଣାପଡ଼ିଯିବ, ଏଥିରେ ସନ୍ଦେହ ନାହିଁ। ମୁଁ କିଛି କାହା ବିଷୟରେ କହି ମୋର ପାପ କାହିଁ ବଢ଼ାଇବି। ମୋତେ ଟ୍ରୋଲିଂରେ କିଛି ପ୍ରଭାବ ପଡ଼େନି। ନା ମୁଁ ସେ ବିଷୟରେ କିଛି ଚିନ୍ତା ବି କରେନି। ମୁଁ କେବଳ ଏତିକି ଜାଣିଛି କି, ଛୋଟିଆ ଜୀବନ, ଏଥିପାଇଁ ସମସ୍ତଙ୍କ ଭଲ ଚିନ୍ତା କର, ଭଲ କାମ ବି କର। ମୋ ବିବାହକୁ ୧୧ ବର୍ଷ ବିତିଗଲାଣି। ଏମିତିକି ମୁଁ ବିବାହ ସମୟରେ ବି ଟ୍ରୋଲିଂର ଶିକାର ହୋଇଥିଲି। ଏଥିପାଇଁ ଏବେ କେବଳ ପଜିଟିଭ କମେଣ୍ଟ ବିଷୟରେ ଚିନ୍ତା କରୁଛି। ବାକି ରହିଲା କରଣଙ୍କ କଥା ଯିଏ ଯାହା କହୁଛି ଛିଡ଼ କରୁଛି। ଏଥିରେ କାହାରି କିଛି କରିବାର ନାହିଁ କି କହିବାର ନାହିଁ।

ତମନ୍ନାଙ୍କ ଅଭିନୟ କ୍ୟାରିୟରକୁ ପୂରିଲା ୨୧ ବର୍ଷ

ଅଭିନେତ୍ରୀ ତମନ୍ନା ଭାଟିଆ ଅଭିନୟରେ ୨୧ ବର୍ଷ ପୂରଣ କରିଛନ୍ତି। ଏହି ଅବସରରେ ସେ ଚଳଚ୍ଚିତ୍ର ଶିଳ୍ପରେ ଅଭିନେତ୍ରୀମାନଙ୍କୁ ମିଳୁଥିବା ସୁଯୋଗ ବିଷୟରେ ନିଜ ଭାବନା ପ୍ରକାଶ କରିଛନ୍ତି। ଆଗକୁ ତାଙ୍କର ଏକାଧିକ ଚଳଚ୍ଚିତ୍ର ଓ ଧାରାବାହିକ ଆସିବାର ଅଛି, ଯାହାକୁ ନେଇ ସେ ଖୁବ୍ ଉତ୍ସାହିତ। ସେ କହିଛନ୍ତି ଯେ ତାଙ୍କୁ ମିଳିଆସିଥିବା ସୁଯୋଗ ପାଇଁ ସେ କୃତଜ୍ଞ। କାରଣ ସବୁ ଅଭିନେତା, ବିଶେଷ କରି ଅଭିନେତ୍ରୀମାନଙ୍କୁ ଏତେ ପରିମାଣରେ କାମ ମିଳିବା ଦୁର୍ଲଭ। ତେଣୁ ଦୁଇ ଦଶନ୍ଧିରୁ ଅଧିକ କାଳ ଅଭିନୟ କରିବା ପରେ ବି ତାଙ୍କୁ ନୂଆ କରି କାମ କରିବା ଭଳି ଅନୁଭବ ହେଉଛି। ତମନ୍ନା ୨୦୦୫ ମସିହାର ହିନ୍ଦୀ ଚଳଚ୍ଚିତ୍ର 'ଚାନ୍ଦ ସା ରୋଶନ ଚେହେରା'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହା ପରେ ସେ ତେଲୁଗୁ ଓ ତାମିଲ ଚଳଚ୍ଚିତ୍ରରେ ଅଭିନୟ କରି ଖୁବ୍ ଲୋକପ୍ରିୟ ହେଲେ। ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ତାଙ୍କୁ ଯେମିତି ଆଦର ସହକାରେ ଗ୍ରହଣ କରାଗଲା ତାହା ତାଙ୍କ ଅଭିନୟ କ୍ୟାରିଅରକୁ ଶକ୍ତ ଭିତ୍ତିଭୂମି ପ୍ରଦାନ କଲା। ଏହା ପରେ ସେ ବଲିଉଡ଼କୁ ଆସିବାରୁ ତାଙ୍କ ଲୋକପ୍ରିୟତା ବହୁଗୁଣିତ ହୋଇଗଲା। ଦେଶର ସବୁ ପ୍ରାନ୍ତରୁ ମିଳୁଥିବା ଭଲପାଇବା ତାଙ୍କୁ ଯେତିକି ଆହ୍ଲାଦିତ କରିଛି ସେତିକି ନମ୍ର ମଧ୍ୟ କରିଛି ବୋଲି ତମନ୍ନା ପ୍ରକାଶ କରିଛନ୍ତି। ତେଣୁ ପ୍ରଶଂସକଙ୍କ ସେହି ଭଲପାଇବା ପ୍ରତିବଦଳରେ ସେ ସେମାନଙ୍କୁ ନୂଆ ନୂଆ ଚଳଚ୍ଚିତ୍ର ଭେଟିଦେବାକୁ ଇଚ୍ଛୁକ। ଆଗକୁ ତମନ୍ନାଙ୍କ 'ବନ: ଫରେଷ୍ଟ ଅଫ୍ ଦି ଫରେଷ୍ଟ' ଶୀର୍ଷକ ଚଳଚ୍ଚିତ୍ର ଆସିବ, ଯେଉଁଥିରେ ସେ ସିଦ୍ଧାର୍ଥ ମଲହୋତ୍ରାଙ୍କ ସହ ଅଭିନୟ କରିଛନ୍ତି।

ମଧୁବାଲାଙ୍କ ଚରିତ୍ରରେ ନଜର ଆସିବେ ସାରା

ବଲିଉଡର କିମ୍ବଦନ୍ତୀ ତାରକା ମଧୁବାଳାଙ୍କ ଚରିତ୍ରରେ ନଜର ଆସିବେ ଆସିବେ 'ଧୁରନ୍ଧର' ଗର୍ଲ ସାରା ଅର୍ଜୁନ। ଫିଲ୍ମର ନିର୍ଦ୍ଦେଶନା ଦେବେ ଜସମିତ କେ ରିନ୍। ପ୍ରଯୋଜନା କରିବେ ସଂଜୟ ଲୀଲା ଭଂଶାଲି। ପ୍ରୋଜେକ୍ଟ ଏବେ ପ୍ରି-ପ୍ରଡକ୍ସନ ସ୍ତରରେ ଅଛି। ବର୍ଷ ଶେଷରେ ସୁଟିଂ ଆରମ୍ଭ ହେବ। ଏହି ଫିଲ୍ମ ହିନ୍ଦୀ ସିନେମାର ସ୍ୱର୍ଣ୍ଣ ଯୁଗକୁ ପରଦାକୁ ଆଣିବ ଏବଂ ମଧୁବାଲାଙ୍କ ଉତ୍ଥାନ ଓ ପରଦା ପଛରେ ତାଙ୍କ ସଂଘର୍ଷକୁ ଦେଖାଇବ। ଏକ ଲୋକପ୍ରିୟ ମନୋରଞ୍ଜନଧର୍ମୀ ଗଣମାଧ୍ୟମ ସ୍ପଷ୍ଟ କରିଛି, ଏହି ଫିଲ୍ମରେ ସାରାଙ୍କୁ ମଧୁବାଲା ଭୂମିକାରେ କାଷ୍ଟ କରାଯାଇଛି। ହିନ୍ଦୀ ସିନେମାର ଜଣେ ପ୍ରସିଦ୍ଧ ତାରକାଙ୍କୁ ବ୍ୟାପକ ସମ୍ମାନ ଦେବାଲାଗି ପ୍ରୋଜେକ୍ଟର ଜୋରଦାର ପ୍ରସ୍ତୁତି ଚାଲିଛି। ଫିଲ୍ମ ପାଇଁ ସାରାଙ୍କ ପ୍ରସ୍ତୁତି ଉପରେ ଟିମ୍ ପୂରା ଫୋକସ୍ କରିଛି। ପରଦାରେ ମଧୁବାଲାଙ୍କୁ ଜୀବନ୍ତ କରିବା ଲାଗି ସାରା ବଡ଼ ଧରଣର ଶାରୀରିକ ପରିବର୍ତ୍ତନ କରିବେ। ପୋଷାକ ପରିଧାନଠୁ ଡାଇଲଗ୍ ତାଲିମ ଓ ଲୁକ୍ ଟେଷ୍ଟ... ମଧୁବାଲାଙ୍କ ଚରିତ୍ରକୁ ପରଦାକୁ ଆଣିବା ଲାଗି ନିର୍ମାତା କିଛି ବି ଛାଡ଼ଛଡ଼ା କରିବାକୁ ଚାହୁଁନାହାନ୍ତି।

ପ୍ରେମ ବିନା ସବୁ ବେକାର: ତ୍ରିଶା

ସାଉଥ୍ ସିନେ ଜଗତର ସୁପରଷ୍ଟାର ବିଜୟ ଥଲାପତି ଓ ଅଭିନେତ୍ରୀ ତ୍ରିଶା କ୍ରିଷନ ପୁଣି ଥରେ ଚର୍ଚ୍ଚାରେ। ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ତ୍ରିଶାଙ୍କର ସଦ୍ୟ ସୋସିଆଲ ମିଡିଆ ପୋଷ୍ଟ ଭାଇରାଲ ହେଉଛି। ତ୍ରିଶା ଇନ୍‌ଷ୍ଟାଗ୍ରାମରେ ପ୍ରେମ ଓ ଆତ୍ମସମ୍ମାନ ସହ ଜଡ଼ିତ ଏକ ବାର୍ତ୍ତା ସେୟାର କରିଛନ୍ତି। ଲେଖିଛନ୍ତି 'ପ୍ରେମ ସବୁକିଛି ନୁହେଁ, କିନ୍ତୁ ପ୍ରେମ ବିନା ସବୁ ବେକାର।' ଏହି ପୋଷ୍ଟକୁ ତାଙ୍କ ବ୍ୟକ୍ତିଗତ ଜୀବନ ସହ ଯୋଡ଼ାଯାଉଛି। ଥଲାପତି ଓ ତାଙ୍କ ପତ୍ନୀ ସଙ୍ଗୀତାଙ୍କ ବିବାହ ବିଚ୍ଛେଦ ଖବର ଚର୍ଚ୍ଚାରେ ଥିବାବେଳେ ଏହି ପୋଷ୍ଟ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ରିପୋର୍ଟ ଅନୁସାରେ, ସଙ୍ଗୀତା କୋର୍ଟରେ ବିବାହ ବିଚ୍ଛେଦ ଆବେଦନ କରି ସମ୍ପର୍କରେ ଫାଟ ଓ ମାନସିକ ଉତ୍ପୀଡ଼ନର ଅଭିଯୋଗ ଆଣିଛନ୍ତି। କିଛି ଦିନ ତଳେ ବିଜୟ ଓ ତ୍ରିଶାଙ୍କୁ ଚେନ୍ନାଇରେ ଏକ ହାଇ-ପ୍ରୋଫାଇଲ ବିବାହରେ ଦେଖିବାକୁ ମିଳିଥିଲା। ଉଭୟ ଏକସଙ୍ଗେ ବିବାହରେ ଏଣ୍ଟ୍ରି କରି ନିଆଁରେ ଘିଅ ଢାଳିଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫଟୋ ଓ ଭିଡିଓ ପରେ ଫ୍ୟାନ୍ ଅନୁମାନ କରୁଛନ୍ତି, ଉଭୟଙ୍କ ସମ୍ପର୍କ କେବଳ ବନ୍ଧୁତାରେ ସୀମିତ ନାହିଁ। ତେବେ ଏ ନେଇ ବିଜୟ କିମ୍ବା ତ୍ରିଶା କେହି ଔପଚାରିକ ରୂପେ ପ୍ରତିକ୍ରିୟା ଦେଇନାହାନ୍ତି। ଫ୍ୟାନ୍ ଉଭୟଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଛନ୍ତି। ତେବେ ତ୍ରିଶା ଓ ବିଜୟ ତାମିଲ ସିନେମାର ଅନେକ ହିଟ୍ ଫିଲ୍ମରେ ଏକାଠି କାମ କରିଛନ୍ତି। ତନ୍ମଧ୍ୟରେ 'ଘିଲି', 'ଥିରୁପାଚୀ', 'ଆଥି' ଓ 'କୁରୁଭି' ଅନ୍ୟତମ। ଉଭୟଙ୍କ ଅନସ୍କ୍ରିନ୍ ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଏହା ପରେ ପରଦା ପଛରେ ସେମାନଙ୍କ ସମ୍ପର୍କକୁ ନେଇ ମଧ୍ୟ ଚର୍ଚ୍ଚା ବଢ଼ିଥିଲା। ତେବେ ଦୁହେଁ ଏହାକୁ ଖଣ୍ଡନ କରିଥିଲେ। ୨୦୨୩ରେ ଉଭୟ 'ଲିଓ'ରେ ପରଦାକୁ ଆସିବା ପରେ ଚର୍ଚ୍ଚା ପୁଣି ଜୋର ଧରିଲା।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୧୨ ଏପ୍ରିଲ ୨୦୨୬

ଚୁଲି ମୁଣ୍ଡକୁ ଫେରିଲା ଘଷି, କୋଇଲା ଆଟଂ



କିଛି ବର୍ଷ ହେଲା ଘଷି ପାରିବା ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ସେହିଭଳି ଜାଳେଣୀ କାଠ ବ୍ୟବହାର ବି ବହୁ ପରିମାଣରେ କମି ଯାଇଥିଲା। ବଡ଼ ପରିବାରରେ ଭାତହାଣ୍ଡି ଚୁଲିରେ ବସୁଥିଲା ସିନା, ତରକାରୀ କଡ଼େଇ ଗ୍ୟାସ ଚୁଲିରେ ଆଡ଼ା ଜମାଇଥିଲା। କିନ୍ତୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ପୁଣି ପୁରୁଣା ସମୟକୁ ଡାକି ଆଣିଛି। ଚୁଲି ମୁଣ୍ଡକୁ ଘଷି ଫେରିଛି ଓ ଜାଳେଣି କାଠର ଆଦର ଅଚାନକ ବଢ଼ି ଯାଇଛି। ସ୍ଥିତି ଏମିତି ହୋଇଛି ଯେ ଯେଉଁ ଚାକୁଣ୍ଡା କାଠକୁ କେହି ପଚାରୁନଥିଲେ, ତାହା ଆଜି ବଜାରରେ ଅମୂଲ ମୂଲ। ରାଜଧାନୀ ଉପକଣ୍ଠ ବାଲିଅନ୍ତା ଅଂଚଳରେ ଗାଁ ଗଣ୍ଡାରେ ଲୋକେ କାଠଚୁଲି ବ୍ୟବହାର ବଢ଼ାଇ ଦେଇଛନ୍ତି। ମାତ୍ର ଏହି ଅଂଚଳରେ ଗଢ଼ି ଉଠିଥିବା ଆପାର୍ଟମେଂଟ ବାସିନ୍ଦାମାନେ କଲବଲ ଅବସ୍ଥାରେ ଅଛନ୍ତି। ଚୁଲି ଜାଳିବା ପରିବେଶ ନ ଥିବାରୁ ବହୁ ପରିବାର ବେଳାଏ ରୋଷେଇ କରି ଯେନତେନ ପ୍ରକାର ଦିନ କାଟୁଥିବା ଦେଖାଯାଉଛି। ଭାତ ହାଣ୍ଡିରୁ ଇଏ ଗୋଟିଏ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଭୁବନେଶ୍ୱର ବ୍ୟତୀତ କଟକ ଓ ରାଜ୍ୟର ବିଭିନ୍ନ ସହରରେ ଏହିପରି ସମୟ ପହଂଚିଛି। ଗ୍ରାମାଂଚଳରେ ବହୁ ଲୋକଙ୍କ ଘରେ ଚୁଲି ଥିଲେ ହେଁ ଅଲୋଡ଼ା ହୋଇପଡ଼ିଥିଲା। କିନ୍ତୁ ଏବେ ସବୁଦିନ ସକାଳୁ ଚୁଲି ଲିପାପୋଛା ହେଉଥିବା ଦେଖିବାକୁ ମିଳୁଛି। ବଡ଼କଥା ହେଉଛି ଏବେ ଖରାଦିନ ହୋଇଥିବାରୁ ଗୋବର ଘଷି ପାରିବା ଓ ଶୁଖାଇବା ସହଜ ହେଉଛି। ଗୋଟିଏ ଦିନରେ ଘଷି ଶୁଖି ଯାଉଛି ଏବଂ ଚୁଲିରେ ଜଳିବା ପାଇଁ ଠିକ ହୋଇଯାଉଛି। ତେଣୁ ଗାଁ ଗଣ୍ଡାରେ ଏବେ ଦାଣ୍ଡରୁ ବାଡ଼ିପଟ ପର୍ଯ୍ୟନ୍ତ ମହିଳା ଓ ପୁରୁଷମାନେ ଘଷି ପାରିବା ଦେଖିବାକୁ ମିଳିଲାଣି। ଉଲ୍ଲେଖନୀୟ କଥା ହେଉଛି, ଏବେ ଗାଁ ଗାଁରେ ଘଷି ବେପାର ବି ଆରମ୍ଭ ହୋଇଗଲାଣି। ୧୦୦ଟଙ୍କାରେ ୪୦ଫଡା ଘଷି ବିକ୍ରି ହେଉଛି। ସେହିଭଳି ଏହା ଭିତରେ ଜାଳେଣୀ କାଠର ବଜାର ଦର ବଢ଼ିଯାଇଛି। ଯେଉଁ ଚାକୁଣ୍ଡା ଡାଳିକୁ କେହି ପଚାରୁନଥିଲେ, ତାହା ଆଜି କ୍ୱିଂଟାଲ ୭୦୦ ଟଙ୍କାକୁ ଟପିବାକୁ ବସିଲାଣି। ଅନେକ ହୁଏତ ଜାଣି ନାହାଁନ୍ତି ଆମ ଗୋମାତାଙ୍କ ଏହି ଗୋବର ଆମ ଜୀବନ ପ୍ରଣାଳୀ ପାଇଁ ଅନେକ ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ଗାଁ ଗଣ୍ଡାରେ ଏବେ ବି ଅନେକ ପରିବାର ରହିଛନ୍ତି ଯେଉଁମାନେ ଘଷିକୁ ସେମାନଙ୍କ ଅର୍ଥ ଉପାର୍ଜନର ବଡ଼ ମାଧ୍ୟମ କରିଥାନ୍ତି। ଗୋବର ଘଷିକୁ ରୂପାନ୍ତର ହେବା ପୂର୍ବରୁ ଏଥିରୁ ଗ୍ୟାସ ସଂଗ୍ରହ କରାଯାଉଛି। ଏହି ଗୋବର ଗ୍ୟାସ ପାଇଁ ମଧ୍ୟ ସରକାରୀ ଭାବେ ବିଭିନ୍ନ ପ୍ରୋତ୍ସାହନ ରହିଛି। ଗୋବର ଘଷିର ଖାଦ୍ୟ ପ୍ରସ୍ତୁତିର ସ୍ୱାଦ ମଧ୍ୟ ସମ୍ପୂର୍ଣ୍ଣ ଅଲଗା ଓ ଭିନ୍ନ। ପୂର୍ବରୁ ଶୁଖିଲା ଝାଉଁ କାଠର ଚାହିଦା ଥିଲା। ବାହାଘର ଭୋଜିଭାତରେ ଝାଉଁ କାଠ ଲୋଡ଼ା ପଡୁଥିଲା। କିନ୍ତୁ ଏବେ ଚାକୁଣ୍ଡା ବି ଝାଉଁ ଦରକୁ ଛୁଇଁଲାଣି। ଯାହା ବାଡ଼ିରେ ଗଛ ଅଛି, ତା ପାଇଁ ସମସ୍ୟା ନାହିଁ। କିନ୍ତୁ କିଣିବା ଲୋକଙ୍କୁ ବେଶ ବାଧୁଛି। ପୂର୍ବରୁ ବାହାଘର ଜାଇବଡ଼ି ଅନୁକୂଳ ପାଇଁ ଲୋକେ ଚୁଲି କିଣୁଥିଲେ, ଏବେ କିଛି ଦିନ ହେଲା ଦୈନିକ ୧୫ରୁ ୨୦ ଚୁଲି ବିକ୍ରି ହେଉଛି। ଅନେକ ଗୃହିଣୀଙ୍କ ମତ ବର୍ତମାନର ସମୟ ଯାହା କଳାବଜାରରୁ ୩୦୦୦ଟଙ୍କା ଦେଇ ଗ୍ୟାସ ସିଲିଣ୍ଡର କିଣିବା ସମ୍ଭବ ନୁହେଁ। ତେଣୁ ଚୁଲିମୁଣ୍ଡକୁ ଫେରିବାକୁ ବାଧ। ଗ୍ୟାସ ଅଭାବରୁ ଅନେକ ଉଠା ଦୋକାନରେ ତାଲା ଝୁଲିଲାଣି। କେଉଁଠି ମାସେ ହେଲା ତାଲା ପଡ଼ିଛି ତ ଆଉ କେଉଁଠି ୧୫ ଦିନ ହେଲା। ସହରର ପ୍ରତିଟି ଗଳିକନ୍ଦିରେ ଏଭଳି ଦୃଶ୍ୟ ସାମ୍ନାକୁ ଆସୁଛି। ଦିନ ପରେ ଦିନ ଗଡୁଥିଲେ ମଧ୍ୟ କେତେକ ସ୍ଥାନରେ ଆଦୌ ଦୋକାନ ଖୋଲିପାରୁ ନାହିଁ। ଯିଏ ଗୋଟିଏ ଯୋଡ଼ିଏ ଗ୍ୟାସ ସିଲିଣ୍ଡର ଲୁଚାଇ ରଖିଥିଲେ, ସେଥିରେ କଷ୍ଟେମଷ୍ଟେ କିଛି ଦିନ ବିତିଗଲା। ଏବେ ଆଉ ଆଗକୁ ବଢ଼ିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଯେତେ ଚେଷ୍ଟା କଲେ ମଧ୍ୟ ଗ୍ୟାସ ସିଲିଣ୍ଡର ପାଉନାହାନ୍ତି। ପରିଣାମ ସ୍ୱରୂପ ପରିବାରର ଗୁଜୁରାଣ ମେଟାଂଇବାକୁ ଏବେ ବିକଳ୍ପ ଭାବେ ଚୁଲିକୁ ଅପଣାଇଲେଣି। ଦିନେ ଯେଉଁ ଚୁଲି ସହରବାସୀଙ୍କ ପାଇଁ ଅଲୋଡ଼ା ହୋଇପଡ଼ିଥିଲା, ତାହା ଏବେ ରାସ୍ତାପାର୍ଶ୍ୱରେ ଦେଖିବାକୁ ମିଳୁଛି। ଗୋଟିଏ କି ଦୁଇଟି ସ୍ଥାନରେ ନୁହେଁ, ବରଂ ଅଧିକାଂଶ ଜଳଖିଆ ଦୋକାନରେ ଏଭଳି ଚୁଲି ନଜରକୁ ଆସିଛି। କେହି କେହି ବ୍ୟବସାୟୀ ଏବେ ଗୋଟିଏ ବଦଳରେ ତିନିଟି ବିକଳ୍ପ ପନ୍ଥା ଆପଣାଇଛନ୍ତି। ପ୍ରଥମେ ଗ୍ୟାସରେ ରାନ୍ଧୁଛନ୍ତି। ଆବଶ୍ୟକ ପଡ଼ିଲେ କୋଇଲା ଆଟଂର ସହାୟତା ନେଉଛନ୍ତି। ଏହା ବ୍ୟତୀତ ଚୁଲି ସହ ଜାଳେଣି ରଖିଥିବା ନଜରକୁ ଆସିଛି। ବିଶେଷକରି ଉଠାଦୋକାନୀ, ଛୋଟ ବ୍ୟବସାୟୀ, ରାସ୍ତା ପାର୍ଶ୍ୱ ବ୍ୟବସାୟୀ ଏଭଳି ପନ୍ଥା ଆପଣାଇଛନ୍ତି। ସେମାନଙ୍କ କହିବା କଥା ଗ୍ୟାସ ବିନା ବେପାର କରିବା ସମ୍ଭବ ପର ନୁହେଁ। ମାତ୍ର ବ୍ୟାବସାୟିକ ସଂସ୍ଥା ହୋଇଥିବାରୁ ଗ୍ୟାସ ମିଳିପାରୁନାହିଁ। ଚୋରାରେ ଆଣିଲେ ବି ଅଧିକ ଟଙ୍କା ଦେବାକୁ ପଡୁଛି। ତେଣୁ ଚୁଲି ଓ କୋଇଲାରେ ରୋଷେଇ କରି ଗ୍ରାହକଙ୍କୁ ସେବା ଯୋଗାଉଛୁ। ଯେ ପର୍ଯ୍ୟନ୍ତ ଗ୍ୟାସ ସଙ୍କଟ ନଟାଳିଛି, ସେ ପର୍ଯ୍ୟନ୍ତ ଏଭଳି ପନ୍ଥା ଆପଣାଇ ପରିବାର ଚଳାଇବୁ। ଗାଁ ଗହଳିରେ ଚୁଲି ଲୋକଙ୍କ ସମସ୍ୟାର କିଛିଟା ସମାଧାନ କରିଛି ସିନା ଏହି ଅଂଚଳର ଆପାର୍ଟମେଂଟ ଓ ଡ୍ୟୁପ୍ଲେକ୍ସ କଲୋନୀରେ ରହୁଥିବା ପରିବାର ଗୁଡ଼ିକ ବହୁ କଲବଲ ସ୍ଥିତିରେ ରହୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ଘରେ ଚୁଲି ଜଳିବା ପାଇଁ ଜାଗା ନାହିଁ କି ଧୂଆଁ ବାହାରକୁ ଯିବା ପାଇଁ ବାଟ ନାହିଁ। ତେଣୁ ସେମାନେ ଗ୍ୟାସ ସିଲିଣ୍ଡର କିମ୍ବା ଇଣ୍ଡକସନ ଚୁଲା ଉପରେ ନିର୍ଭରଶୀଳ। ବିଦ୍ୟୁତ ଚୁଲା ଜାଳିବା ବି ମହଙ୍ଗା। କେହି କେହି ଅଭିଯୋଗ କରନ୍ତି ଗ୍ୟାସ ବିତରକଙ୍କୁ ତେଲ ମାରିବା ଛଡ଼ା ଅନ୍ୟ କିଛି ବାଟ ନାହିଁ। କଳାବଜାରରେ ଗ୍ୟାସ ସିଲିଣ୍ଡର ମିଳୁଛି ଅର୍ଥ ଗ୍ୟାସ ମହଜୁଦ ଅଛି। ସରକାର କଳାବଜାର ରୋକିବା ଦିଗରେ ନିଷ୍ଠାର ସହ କାମ କଲେ, ଲୋକେ ଅସୁବିଧାରେ ପଡ଼ନ୍ତେ ନାହିଁ।

ତମସୋ ମା ଜ୍ୟୋତିର୍ଗମୟ !

ଦୀର୍ଘ କାଳ ଧରି ଜନଗଣନା ଅନୁଷ୍ଠିତ ନ ହେବା ଦ୍ୱାରା ତେଣୁ ଯେଉଁ ଏକ ବିପଜ୍ଜନକ ସୂଚନା-ଶୂନ୍ୟତା ସୃଷ୍ଟି ହୁଏ, ସେଥିରେ ନୀତିନିର୍ଦ୍ଧାରକମାନେ ବର୍ତ୍ତମାନ ଦେଶ ଆବଶ୍ୟକ କରୁଥିବା ନୀତିନିର୍ଦ୍ଧାରଣ ନିମିତ ଅତୀତର ଅଚଳ ସୂଚନା ଓ ତଥ୍ୟରାଜି କିମ୍ବା ତାହାକୁ ଭିତ୍ତିକରି କରାଯାଉଥିବା ଆଜି ପାଇଁ ଅନୁମାନ ଉପରେ ନିର୍ଭର କରିବାକୁ ବାଧ ହୋଇଥାନ୍ତି। ଏହା ଏକ ପ୍ରକାର ଅନ୍ଧାରରେ ବାଡ଼ି ବୁଲାଇବା ପରି ହୋଇଥାଏ, ଯାହାର ପରିଣାମ କିଭଳି ହୋଇପାରେ, ସହଜେ ଅନୁମେୟ। ଗତ ସପ୍ତାହରେ ଦେଶରେ ବହୁବିଳମ୍ବିତ ତଥା ବହୁପ୍ରତୀକ୍ଷିତ ଜନଗଣନା କାର୍ଯ୍ୟର ଶୁଭାରମ୍ଭ ଘଟିଛି, ଯାହା ହେଉଛି ଭାରତର ଷୋଡ଼ଶ ଏବଂ ସ୍ୱାଧୀନୋତ୍ତର ଭାରତର ଅଷ୍ଟମ ଜନଗଣନା। ଏଇ ସମଗ୍ର ପ୍ରକ୍ରିୟା ମାର୍ଚ୍ଚ, ୨୦୨୭ ମଧ୍ୟରେ ସମାପ୍ତ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଯଦିବା ସମୟ ଅତିକ୍ରାନ୍ତ ହେବା ସହିତ ଜନଗଣନାର ପ୍ରଣାଳୀ ଓ ସେଥିରେ ବ୍ୟବହୃତ ମାନଦଣ୍ଡମାନଙ୍କରେ ବହୁତ ପରିବର୍ତନ ଘଟି ସାରିଲାଣି, ତଥାପି ଏକ ଦେଶର ସମାଜ ଓ ଅର୍ଥନୀତିର ଏକ ନିଚ୍ଛକ୍ ତଥା ବିଶ୍ୱସନୀୟ ଚିତ୍ର ପ୍ରଦାନ କରିବାରେ ଜନଗଣନାର କୌଣସି ଭରସାଯୋଗ୍ୟ ବିକଳ୍ପର ଏ ପର୍ଯ୍ୟନ୍ତ ଆବିର୍ଭାବ ଘଟି ନାହିଁ। ଭାରତରେ ବିଧି ଅନୁଯାୟୀ ପ୍ରତି ଦଶ ବର୍ଷରେ ଥରେ ଜନଗଣନା ଅନୁଷ୍ଠିତ ହେବା କଥା, କିନ୍ତୁ ୨୦୧୧ରେ ସର୍ବଶେଷ ଜନଗଣନା କରାଯାଇଥିଲେ ହେଁ, ସେଇ ଅନୁସାରେ ୨୦୨୧ରେ ପରବର୍ତ୍ତୀ ଗଣନା ଆୟୋଜନ କରାଯାଇ ପାରି ନ ଥିଲା, ଯାହାର କାରଣ ଥିଲା କୋଭିଡ୍‌ର ଉତ୍ପାତ। ବର୍ତ୍ତମାନ ଦେଢ଼ ଦଶନ୍ଧି ତଫାତ୍‌ରେ ଯେଉଁ ଜନଗଣନା ଅନୁଷ୍ଠିତ ହେବାକୁ ଯାଉଛି, ସେଥିରୁ ଦେଶର ଯେଉଁ ଚିତ୍ର ଉପଲବ୍ଧ ହେବ, ତାହା ଯେ ନିଶ୍ଚିତ ରୂପେ ଅନେକ ପରିବର୍ତ୍ତନର ଛାପା ବହନ କରିଥିବ, ଏଥିରେ କୌଣସି ସନ୍ଦେହ ନାହିଁ। କୋଭିଡ୍-୧୯ ପାଣ୍ଡେମିକ୍‌ର ଅବସାନ ପରେ ମଧ୍ୟ ସରକାର ଜନଗଣନା ଆରମ୍ଭ କରିବାରେ କାହିଁକି ଏତେ ଦୀର୍ଘ ବିଳମ୍ବ ଘଟାଇଲେ, ସେ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ କାରଣ ପ୍ରଦାନ କରାଯାଇ ନ ଥିବା ବେଳେ ରାଜନୈତିକ ଦୃଷ୍ଟିରୁ ଏଥିରୁ କୌଣସି ଅସୁବିଧାଜନକ ଚିତ୍ରର ଆବିର୍ଭାବର ସମ୍ଭାବନା ଏଇ ବିଳମ୍ବର କାରଣ ହୋଇଥାଇପାରେ ବୋଲି କେତେକ ମହଲରେ କଳ୍ପନାଜଳ୍ପନା ପ୍ରକାଶ ପାଇବା ଦେଖାଯାଇଛି। କିନ୍ତୁ ଭାରତ ଭଳି ଏକ ଚଳଚଂଚଳ ଗଣତନ୍ତ୍ରରେ ଠିକ୍ ମାର୍ଗ ଅନୁସରଣ କରିବା ପାଇଁ ଜନଗଣନା ସରକାରଙ୍କୁ ଯେଉଁଭଳି ଦିଗ୍‌ଦର୍ଶନ ଯୋଗାଇଥାଏ, ତାହା ଅନ୍ୟ କୌଣସି ସୂତ୍ରରୁ ଉପଲବ୍ଧ ହୋଇପାରି ନ ଥାଏ। ଆଉ ଜନଗଣନା ପ୍ରସୂତ ଚିତ୍ର ଯଦି କୌଣସି କାରଣରୁ ଅସୁବିଧାଜନକ ହୋଇଥାଏ କିମ୍ବା ସନ୍ତୋଷଜନକ ? ହୋଇ ନ ଥାଏ, ତାହା ସରକାର ଓ ନୀତିନିର୍ଦ୍ଧାରକମାନଙ୍କୁ ମାର୍ଗ ସଂଶୋଧନ କରିବାରେ ସହାୟକ ହୋଇଥାଏ। ଏହା ହିଁ ହେଉଛି ଗଣତନ୍ତ୍ରର ବିଶେଷତ୍ୱ, ଯାହା ଅଗଣତାନ୍ତ୍ରିକ ସମାଜମାନଙ୍କରେ ସମ୍ଭବ ହୋଇ ନ ଥାଏ। ଏ ବାବଦରେ ଅତୀତରେ ସୋଭିଏତ୍ ରୁଷିଆର ଏକଛତ୍ର ସାମ୍ୟବାଦୀ ଶାସକ ଜୋସେଫ୍ ଷ୍ଟାଲିନ୍‌ଙ୍କର ଏକ ଆଚରଣ ଏକ ନିଷ୍ଠୁର କିଂବଦନ୍ତି ରୂପେ ଗଣତନ୍ତ୍ରର ସମର୍ଥକମାନଙ୍କ ପରିସରରେ ଏବେ ବି ଆଲୋଚିତ ହୋଇଥାଏ। ଷ୍ଟାଲିନ୍‌ଙ୍କର କ୍ରୂର କୁଶାସନର ପରିଣାମ ସ୍ୱରୂପ ସେଠାରେ ସୃଷ୍ଟି ହୋଇଥିବା ଦୁର୍ଭିକ୍ଷ ଯୋଗୁଁ ଘଟିଥିବା ଗଣମୃତ୍ୟୁଏବଂ ତାଙ୍କର ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଲକ୍ଷ ଲକ୍ଷ ରୁଷ୍‌ବାସୀଙ୍କର ବିଦେଶକୁ ପଳାୟନ କାରଣରୁ ସେ ଦେଶର ଜନସଂଖ୍ୟାରେ ଦ୍ରୁତ ହ୍ରାସ ଘଟି ଚାଲିଥିଲେ ହେଁ, ଷ୍ଟାଲିନ୍ ତାହା ଅସ୍ୱୀକାର କରି ଓଲଟା ତାଙ୍କ ଦ୍ୱାରା ଅନୁସୃତ ଉତମ ନୀତି ଯୋଗୁଁ ସୋଭିଏତ୍ ରୁଷିଆର ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟିବାରେ ଲାଗିଛି (ପ୍ରତି ବର୍ଷ ରୁଷିଆର ଜନସଂଖ୍ୟାରେ ଘଟୁଥିବା ବୃଦ୍ଧିର ଆକାର ଫିନ୍‌ଲାଣ୍ଡ ପରି ଦେଶର ମୋଟ ଜନସଂଖ୍ୟା ଠାରୁ ଅଧିକ) ବୋଲି ବାହାସ୍ଫୋଟ ମାରୁଥିଲେ। ନିଜର ଏଇ ଦାବିକୁ ପ୍ରମାଣିତ କରିବା ପାଇଁ ଷ୍ଟାଲିନ୍ ୧୯୩୭ରେ ଏକ ଦଶନ୍ଧିରୁ ଅଧିକ କାଳ ପରେ ତାଙ୍କ ଦେଶରେ ଏକ ଜନଗଣନା ଅନୁଷ୍ଠିତ କରାଇଲେ। ସେଥିରୁ ଉପଲବ୍ଧ ଫଳାଫଳରୁ କିନ୍ତୁ ସୋଭିଏତ୍ ରୁଷିଆର ଜନସଂଖ୍ୟାର ଆକାର ଷ୍ଟାଲିନ୍‌ଙ୍କ ଦାବି ଠାରୁ ପ୍ରାୟ ୧୦ ନିୟୁତ କମ୍ ହୋଇଥିବା ଜଣାପଡ଼ିଲା। ଏହା ବ୍ୟତୀତ ଷ୍ଟାଲିନ୍ କମ୍ୟୁନିଷ୍ଟ ରୁଷିଆରେ ଧର୍ମବିଶ୍ୱାସର ଅନ୍ତ ଘଟିଛି ବୋଲି ଦାବି କରୁଥିବା ବେଳେ, ଅଧିକାଂଶ ରୁଷ୍‌ବାସୀ ତଥାପି ଗଭୀର ଭାବରେ ଧର୍ମବିଶ୍ୱାସୀ ବୋଲି ଏଇ ଜନଗଣନାରୁ ସାବ୍ୟସ୍ତ ହୋଇଥିଲା। କ୍ରୋଧାନ୍ଧ ଷ୍ଟାଲିନ୍ ଏହାର ପ୍ରତିକ୍ରିୟାରେ ଜନଗଣନାର ଫଳାଫଳ ପ୍ରକାଶ ନ କରାଯିବା ପାଇଁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ତାଙ୍କ ଦେଶର ଜନଗଣନା ବ୍ୟୁରୋର ମୁଖ୍ୟ ଥିବା ଅଲିମ୍ପି କେଭିଟ୍‌କିନ୍‌ଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିଥିଲେ। କିନ୍ତୁ ଏଭଳି ସତ୍ୟକୁ ସ୍ୱୀକାର ନ କରିବାର ଅନ୍ତିମ ପରିଣାମ ଯେ ସଂପୃକ୍ତ ଦେଶ ପାଇଁ ମଙ୍ଗଳପ୍ରଦ ହୋଇ ନ ଥାଏ, ତାହା ଶେଷରେ ପ୍ରମାଣିତ ହୋଇଥିଲା ଷ୍ଟାଲିନ୍‌ଙ୍କ ମୃତ୍ୟୁର ପ୍ରାୟ ଚାରି ଦଶନ୍ଧି ପରେ ଘଟିଥିବା ସୋଭିଏତ୍ ସଂଘର ବିଲୟରୁ। କାରଣ ଅସତ୍ୟ ଉପରେ ଆଧାରିତ ନୀତି ଓ ବ୍ୟବସ୍ଥା ଏଭଳି ଅବାସ୍ତବ ହୋଇଥାଏ ଯେ ତାହା ଅବଶେଷରେ ଅନିବାର୍ଯ୍ୟ ଭାବରେ ଭୁଶୁଡ଼ି ପଡ଼ିଥାଏ। ଭାରତ ପରି ଏକ ବିଶାଳ ତଥା ବିବିଧତାପୂର୍ଣ୍ଣ ଦେଶରେ ଜନଗଣନାରୁ ଉପଲବ୍ଧ ଯଥାସମ୍ଭବ ଟିକିନିଖି ସୂଚନାକୁ ବ୍ୟବହାର କରି ସରକାର ସେଇ ଅନୁଯାୟୀ ଅର୍ଥନୀତି ଓ ସମାଜର ବିକାଶ ତଥା ମଙ୍ଗଳସାଧନ ନିମିତ ନୀତିନିର୍ଦ୍ଧାରଣ କରିଥାନ୍ତି। ଦୀର୍ଘ କାଳ ଧରି ଜନଗଣନା ଅନୁଷ୍ଠିତ ନ ହେବା ଦ୍ୱାରା ତେଣୁ ଯେଉଁ ଏକ ବିପଜ୍ଜନକ ସୂଚନା-ଶୂନ୍ୟତା ସୃଷ୍ଟି ହୁଏ, ସେଥିରେ ନୀତିନିର୍ଦ୍ଧାରକମାନେ ବର୍ତ୍ତମାନ ଦେଶ ଆବଶ୍ୟକ କରୁଥିବା ନୀତିନିର୍ଦ୍ଧାରଣ ନିମିତ୍ତ ଅତୀତର ଅଚଳ ସୂଚନା ଓ ତଥ୍ୟରାଜି କିମ୍ବା ତାହାକୁ ଭିତ୍ତିକରି କରାଯାଉଥିବା ଆଜି ପାଇଁ ଅନୁମାନ ଉପରେ ନିର୍ଭର କରିବାକୁ ବାଧ ହୋଇଥାନ୍ତି। ଏହା ଏକ ପ୍ରକାର ଅନ୍ଧାରରେ ବାଡ଼ି ବୁଲାଇବା ପରି ହୋଇଥାଏ, ଯାହାର ପରିଣାମ କିଭଳି ହୋଇପାରେ, ସହଜେ ଅନୁମେୟ। ନିଃସନ୍ଦେହରେ ସ୍ୱାଧୀନ ଭାରତରେ ନିୟମିତ ବ୍ୟବଧାନରେ ଅନୁଷ୍ଠିତ ଜନଗଣନାମାନ ପ୍ରଦାନ କରିଥିବା ଆଲୋକ ଏଇ ଅନ୍ଧାରକୁ ଦୂର କରି ରାଷ୍ଟ୍ରକୁ ତା'ର ନାଗରିକମାନଙ୍କର ମଙ୍ଗଳସାଧନ ନିମିତ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରିବାରେ ସହାୟକ ହୋଇ ଆସିଛନ୍ତି। ଜନସଂଖ୍ୟାର ବଂଟନରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ସାକ୍ଷରତା, ନିଯୁକ୍ତି, ବାସଗୃହ ପରିସ୍ଥିତି ଆଦି ପର୍ଯ୍ୟନ୍ତରେ ଉପସ୍ଥିତ ତଥ୍ୟ ଯୋଗାଇ ଦେଇ ଜନଗଣନା ରାଷ୍ଟ୍ରକୁ ନିଶାଣଭିତ୍ତିକ ସମାଜମଙ୍ଗଳ ଯୋଜନାମାନ ରୂପାୟନ ଓ କାର୍ଯ୍ୟକାରୀ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛି। ଆରକ୍ଷଣଭିତ୍ତିକ ସକାରାତ୍ମକ କାର୍ଯ୍ୟାନୁଷ୍ଠାନ, ଗ୍ରାମ୍ୟ ଉନ୍ନୟନ ଯୋଜନା, ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ହେଉ କିମ୍ବା ନଗର ଉନ୍ନୟନ ଯୋଜନା ହେଉ, ସ୍ୱାଧୀନତା ପରବର୍ତୀ ସମୟରେ ଏପରି କୌଣସି ବିକାଶମୂଳକ ଅଥବା ଜନମଙ୍ଗଳ କାର୍ଯ୍ୟକ୍ରମ ବା ଯୋଜନାର ପରିକଳ୍ପନା କରାଯାଇ ନାହିଁ, ଯାହା ଜନଗଣନାପ୍ରସୂତ ତଥ୍ୟରାଜି ଉପରେ ନିର୍ଭର କରେ ନାହିଁ। କେବଳ ସରକାର ନୁହନ୍ତି, ଘରୋଇ କ୍ଷେତ୍ରରେ ସକ୍ରିୟ ଥିବା ଶିଳ୍ପ ବ୍ୟବସାୟ ଉଦ୍ୟୋଗମାନଙ୍କରୁ ଗବେଷଣା ପ୍ରତିଷ୍ଠାନମାନଙ୍କ ପର୍ଯ୍ୟନ୍ତ ପାଇଁ ଜନଗଣନାରୁ ଉପଲବ୍ଧ ତଥ୍ୟମାନ ଅସୀମ ଉପଯୋଗିତା ବହନ କରିଥାନ୍ତି। ତେଣୁ ଦେଶର ଏଇ ଷୋଡ଼ଶ ଜନଗଣନା ବିଳମ୍ବିତ ହୋଇଥିଲେ ହେଁ ଆଜିର ଡିଜିଟାଲ ପ୍ରବିଧିର ପ୍ରୟୋଗ ଦ୍ୱାରା ତାହା ସୁଦକ୍ଷ ଭାବରେ, ସୁଚାରୁ ରୂପେ ଠିକଣା ସମୟରେ ସଂପୂର୍ଣ୍ଣ ହେବ ବୋଲି ସମସ୍ତେ ଆଶା କରି ଚାହିଁ ରହିଛନ୍ତି। ସେମାନଙ୍କର ବିଶ୍ୱାସ ଏହା ସେମାନଙ୍କୁ ଅନ୍ଧକାରରୁ ଆଲୋକ ଦିଗରେ ବାଟ କଢ଼ାଇ ନେବ : 'ତମସୋ ମା ଜ୍ୟୋତିର୍ଗମୟ'।

ଡାକ୍ତରଖାନାରେ ଅଗ୍ନିକାଣ୍ଡ ଓ ବିରୋଧୀ ଦଳଙ୍କ ଭୂମିକା

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଅଗ୍ନିକାଣ୍ଡ ପାଇଁ ବିରୋଧୀ ଦଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ଇସ୍ତଫା ଦାବି କରିକରି କିଛି ଦିନ ପର୍ଯ୍ୟନ୍ତ ବିଧାନସଭାକୁ ଅଚଳ କରିଦେଲେ। ବିଧାନସଭା ବାରମ୍ବାର ମୁଲତବୀ ହେଲା। ଗୃହ କାର୍ଯ୍ୟ ଚାଲିପାରିଲା ନାହିଁ। ଭାରତର ସଂବିଧାନରେ କୌଣସି ଅଘଟଣ ପାଇଁ ନିଜକୁ ଦାୟୀ କରି ମନ୍ତ୍ରୀ ଇସ୍ତଫା ଦେବାର ନିୟମ ନାହିଁ। ଏହା ଏକ ନୈତିକତାର ପ୍ରଶ୍ନ। ଯଦି ଜଣେ ମନ୍ତ୍ରୀ ନିଜ ବିଭାଗରେ କୌଣସି ଦୁର୍ଘଟଣା ପାଇଁ ନିଜକୁ ଦାୟୀ କରି ଇସ୍ତଫା ଦିଅନ୍ତି, ତାହା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିପାରେ ଏବଂ ବିଭାଗର ସମସ୍ତ କର୍ମଚାରୀମାନଙ୍କ ପାଇଁ ଏହା ଏକ ଚେତାବନୀ ସଦୃଶ କାମ କରେ। କିନ୍ତୁ, ଏଥିପାଇଁ ବିରୋଧୀ ଦଳ ଦାବି କରିବା ଏବଂ ସେଥିପାଇଁ ଗୃହ କାର୍ଯ୍ୟ କରାଇ ନ ଦେବା ଆଦୌ ଗ୍ରହଣୀୟ ନୁହେଁ। ଯେତିକି ଦିନ ବିରୋଧୀ ଦଳର ବିଧାୟକମାନେ ବିଧାନସଭାକୁ ଅଚଳ କଲେ, ସେତିକି ଦିନର ଦୈନିକ ଭତ୍ତା ଯଦି ସେମାନେ ସ୍ୱଇଚ୍ଛାରେ ତ୍ୟାଗ କରିଦେବେ, ତାହା ହେଲେ ଏକ ନୂଆ ଉଦାହରଣ ସୃଷ୍ଟି ହୁଅନ୍ତା ଏବଂ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ସେମାନଙ୍କର ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଅନ୍ତା ନାହିଁ। ଲୋକେ ସେମାନଙ୍କୁ ଭୋଟ ଦେଇ ବିଧାନସଭାକୁ ପଠାଇଛନ୍ତି, ଲୋକମାନଙ୍କର ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବାକୁ। ବିଧାନସଭା ଅଚଳ ନ କରି ସରକାରୀ ଡାକ୍ତରଖାନାଗୁଡ଼ିକର ସମସ୍ୟା ବିଷୟରେ ଆଲୋଚନା କରି ସମାଧାନର ସୂତ୍ର ବାହାର କରିବାକୁ ଚେଷ୍ଟା କରିଥିଲେ ଲୋକେ ଉପକୃତ ହୋଇ ଥାଆନ୍ତେ। ସେ ଯାହା ହେଉ, ଏହି ଘଟଣା ସରକାରଙ୍କ ପାଇଁ ଏକ ଚେତାବନୀ ସଦୃଶ। ସରକାର ଘଟଣାର ତଦନ୍ତ ପାଇଁ ଜଣେ ଅବସରପ୍ରାପ୍ତ ଜିଲ୍ଲା ବିଚାରପତିଙ୍କୁ ନେଇ ଏକ କମିସନ ଗଠନ କରିଛନ୍ତି। ସେହି କମିସନର କାର୍ଯ୍ୟ ମୁଖ୍ୟତଃ ଅଗ୍ନିକାଣ୍ଡର ଘଟଣାକ୍ରମ ଓ ଦୋଷୀଙ୍କୁ ଚିହ୍ନଟ କରିବା ଏବଂ ଭବିଷ୍ୟତରେ ଏଭଳି ଦୁର୍ଘଟଣାକୁ କିପରି ପ୍ରତିହତ କରାଯାଇ ପାରିବ ସେହି ବିଷୟରେ ରିପୋର୍ଟ ଦେବା। ସେହି ରିପୋର୍ଟରେ କ'ଣ ରହିବ ଏବଂ ତାହା କେତେ ଦୂର କାର୍ଯ୍ୟକାରୀ ହେବ, ସେ କଥା ଭବିଷ୍ୟତ କହିବ। ରତ୍ନ ଭଣ୍ଡାର ଚାବି ହଜିବା ଘଟଣାକୁ ତଦନ୍ତ କରିଥିବା ବିଚାରପତି ରଘୁବୀର ଦାସଙ୍କ ରିପୋର୍ଟ ଏ ପର୍ଯ୍ୟନ୍ତ ସାର୍ବଜନୀନ କରାଯାଇ ନାହିଁ। ଯାହା ଆଖିକୁ ଜଳଜଳ ହୋଇ ଦିଶୁଛି, ସେଥିପାଇଁ ତଦନ୍ତର ଆବଶ୍ୟକତା ନାହିଁ। ଆରମ୍ଭ କରିବା ଡାକ୍ତରଖାନା କୋଠା ତିଆରିରୁ। କୋଠା ତିଆରି କାମ ପୂର୍ତ୍ତ ବିଭାଗର। କୋଠା ତିଆରି ବେଳେ ସଂପୃକ୍ତ ହସ୍‌ପିଟାଲର ଡାକ୍ତରମାନେ ତାହା ତଦାରଖ କରିବାର ବ୍ୟବସ୍ଥା ନାହିଁ। ଗୃହ ନିର୍ମାଣ ସଂପୂର୍ଣ୍ଣ ହେଲେ ସେମାନଙ୍କୁ ହସ୍ତାନ୍ତର କରାଯାଏ। ଏହି ପ୍ରସଙ୍ଗରେ ଗୋଟିଏ କୌତୁକପ୍ରଦ ଘଟଣାର ଅବତାରଣା କରିବାକୁ ଚାହୁଁଛି। କିଛି ବର୍ଷ ପୂର୍ବେ ଯାଜପୁର ଜିଲ୍ଲା ଚିକିତ୍ସାଳୟର ନୂତନ ସୌଧ ବ୍ୟବହାର ହେଲା ବେଳେ ଜଣାପଡ଼ିଲା ଯେ ସମସ୍ତ ଶୌଚାଳୟରେ କମୋଡ ଲାଗିଛି। ଗ୍ରାମାଂଚଳରୁ ଆସିଥିବା ରୋଗୀମାନେ କମୋଡ ବ୍ୟବହାର କରି ନ ପାରିବାରୁ ସାଂଘାତିକ ପରିମଳ ସମସ୍ୟା ଦେଖାଦେଲା। ପୁନଶ୍ଚ କମୋଡ କଢ଼ାଯାଇ ସାଧାରଣ ଶୌଚାଳୟ ବ୍ୟବସ୍ଥା କରାଗଲା। ଏହି ଘଟଣାଟିରୁ ଗୋଟିଏ କଥା ସ୍ପଷ୍ଟ ଜଣାପଡୁଛି ଯେ ଯେଉଁମାନଙ୍କ ପାଇଁ ଡାକ୍ତରଖାନା ଗୃହ ନିର୍ମାଣ ହେଉଛି, ସେମାନଙ୍କର ପ୍ରକୃତ ଆବଶ୍ୟକତାକୁ ସଂପୃକ୍ତ ଡାକ୍ତରମାନେ ଠିକ୍ ଭାବେ ଉପଲବ୍ଧି କରନ୍ତି, କିନ୍ତୁ ନିର୍ମାଣ ପାଇଁ ସେମାନଙ୍କର ପରାମର୍ଶ ନିଆଯାଏ ନାହିଁ। ପୂର୍ତ୍ତ ବିଭାଗ ଦ୍ୱାରା ପ୍ରସ୍ତୁତ କୋଠା ତିଆରିର ନକ୍ସା ଓ ଅଟକଳ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥାଏ, କିନ୍ତୁ ବାସ୍ତବ କ୍ଷେତ୍ରରେ କାମ କରୁଥିବା ଡାକ୍ତରମାନଙ୍କ ଅନୁଭୂତିକୁ କୌଣସି ଗୁରୁତ୍ୱ ଦିଆଯାଏ ନାହିଁ। ନିର୍ମାଣ ପ୍ରକ୍ରିୟାରେ ଚାରିଟି ସରକାରୀ ସଂସ୍ଥା ସଂଶ୍ଳିଷ୍ଟ ଥାଆନ୍ତି। ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ସାଧାରଣ ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ଓ ଅଗ୍ନି ନିରାପତ୍ତା ବିଭାଗ। ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଅଧିକାରୀମାନେ ଯଦି ଠିକାଦାର ସଙ୍ଗେ ହାତ ମିଳାନ୍ତି, ତେବେ ନିର୍ମାଣ ଓ ନିର୍ମାଣ ସାମଗ୍ରୀଗୁଡ଼ିକର ଗୁଣବତ୍ତା ଯେଉଁ ମାନର ହେବା କଥା, ତାହା ହୁଏ ନାହିଁ। କୋଠାଟି ତିଆରି ହେବା ପାଇଁ ଖର୍ଚ୍ଚର ଯେଉଁ ଅଟକଳ ହୋଇ ଅନୁମୋଦିତ ହୋଇଥାଏ, ସେଥିରେ ନିର୍ମାଣ ସାମଗ୍ରୀଗୁଡ଼ିକର ମୂଲ୍ୟ ଓ ସଂପୂର୍ଣ୍ଣ ବିବରଣୀ ଥାଏ। ଉଦାହରଣ ସ୍ୱରୂପ କୋଠାର ଭିତ୍ତି କିପରି ହେବ, କେଉଁ ସାଇଜର କେତେ ଓ କେଉଁ ପ୍ରକାର ଲୁହା ରଡ୍ ଲାଗିବ, କେତୋଟି ଆଲୁଅ, ପଙ୍ଖା, ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ରହିବ, ଶୌଚାଳୟରେ ଜଳ ନିଷ୍କାସନ ତଥା ଜଳ ଯୋଗାଣ ପାଇଁ କେଉଁ ସାଇଜର କିପରି ପାଇପ ଲାଗିବ, ବିଦ୍ୟୁତ୍ ? ଯୋଗାଣ ପାଇଁ କେଉଁ ତାର ବ୍ୟବହାର କରାଯିବ, କେଉଁ ସୁଇଚ ଇତ୍ୟାଦି ଲାଗିବ ଏବଂ ସେଗୁଡ଼ିକର ମୂଲ୍ୟ ଓ ମାନ ବିଷୟରେ ଅଟକଳରେ ବିସ୍ତୃତ ଭାବେ ଦର୍ଶାଯାଇଥାଏ। ନିର୍ମାଣ ସମୟରେ ସେହିସବୁ ସାମଗ୍ରୀ ବ୍ୟବହୃତ ହେଉଛି କି ନାହିଁ, ତାହା ଦେଖିବା ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କର କାର୍ଯ୍ୟ। ଉଚ୍ଚ ପଦସ୍ଥ ଇଞ୍ଜିନିଅରମାନେ ନିର୍ମାଣ ସ୍ଥଳକୁ ଆସି ପ୍ରତ୍ୟେକ ସ୍ତରରେ ନିର୍ମାଣ କାର୍ଯ୍ୟ ଯାଚଂ କରିବା ପ୍ରାୟ ଦେଖିବାକୁ ମିଳେନି। ବାସ୍ତବରେ ଛଅ ଇଚିଂଆ ପାଇପ ଜାଗାରେ ଚାରି ଇଚିଂଆ ପାଇପ, ତମ୍ବା ତାର ପରିବର୍ତ୍ତେ ଆଲୁମିନିଅମ ତାର, ନକଲି ସୁଇଚ, ପଙ୍ଖା, ନକଲି ପାଣି କଳ ପ୍ରଭୃତି ବ୍ୟବହୃତ ହୋଇଥିଲେ ଡାକ୍ତରଖାନା କର୍ତୃପକ୍ଷ ଜାଣିବାର ଉପାୟ ନାହିଁ। ନିର୍ମାଣ ସଂପୂର୍ଣ୍ଣ ହୋଇଗଲେ ପୂର୍ତ ବିଭାଗ ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀ କିମ୍ବା ଅନ୍ୟ କୌଣସି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଦ୍ୱାରା ନୂତନ ଗୃହ ଉଦ୍ ?ଘାଟିତ ହୋଇ ଡାକ୍ତରଖାନା କର୍ତୃପକ୍ଷଙ୍କୁ ହସ୍ତାନ୍ତର ହୁଏ। ହସ୍ତାନ୍ତର ଦଲିଲରେ ଅଟକଳରେ ସ୍ଥାନିତ ସମସ୍ତ ସାମଗ୍ରୀ ବ୍ୟବହୃତ ହୋଇ ନିର୍ଦ୍ଧାରିତ ପଦ୍ଧତିରେ ଅନୁମୋଦିତ ନକ୍ସା ଅନୁଯାୟୀ କୋଠାଟି ନିର୍ମାଣ ହୋଇଛି ବୋଲି କୋଠାର ଦାୟିତ୍ୱ ଗ୍ରହଣ କରୁଥିବା ଡାକ୍ତର ବା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପ୍ରମାଣ ପତ୍ର ଦିଅନ୍ତି। କିନ୍ତୁ ବାସ୍ତବରେ ଅଟକଳ ଅନୁଯାୟୀ ସବୁ କାର୍ଯ୍ୟ ଠିକ୍ ହୋଇଛି କି ନାହିଁ, ତାହା ଜାଣିବା ପାଇଁ କିଛି ଉଦ୍ୟମ ହୁଏ ନାହିଁ। ନୂତନ ଗୃହ ବ୍ୟବହାର କଲାବେଳକୁ ଜଣାପଡ଼େ ଯେ ଶୌଚାଳୟରେ ପାଣି ନିଷ୍କାସନ ହେଉନି, କେଉଁଠି ଆଲୁଅ ଜଳୁନି ତ ସୁଇଚ କାମ କରୁନି। ସେତେବେଳକୁ ନିର୍ମାଣ ଯନ୍ତ୍ରୀ ଓ ଠିକାଦାର ସେଠି ନଥାନ୍ତି। ବିଚରା ଡାକ୍ତରଖାନା ଲୋକେ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ପାଖକୁ ଦୌଡ଼ନ୍ତି। ଜଳ ଓ ବିଦ୍ୟୁତ୍ ? ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗ ହାତରେ ନ ଥାଏ। ସେଥିପାଇଁ ନିଯୁକ୍ତ କର୍ମଚାରୀମାନେ ସଂପୃକ୍ତ ଡାକ୍ତରଖାନାର ନିୟନ୍ତ୍ରଣରେ ନଥାନ୍ତି। କୌଣସି ଜାଗାରେ ମରାମତି ଦରକାର ହେଲେ ସାଧାରଣତଃ ନର୍ସମାନେ ସେମାନଙ୍କ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାନ୍ତି। ବିଭାଗୀୟ ଡାକ୍ତର ବା ଅଧିକାରୀ ସଂପୃକ୍ତ ବିଦ୍ୟୁତ୍ କିମ୍ବା ଜଳ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜଣାନ୍ତି, କିନ୍ତୁ ଡାକ୍ତରଖାନା କର୍ତୃପକ୍ଷଙ୍କ ଅନୁରୋଧ ରକ୍ଷା କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ କରାଯାଏ ନାହିଁ। କେତେବେଳେ ଲୋକ ଅଭାବ ତ ଆଉ କେତେବେଳେ ଅର୍ଥର ଅଭାବ ଭଳି ଆଳ ଦେଖାଇ ଟାଳଟୁଳ ନୀତି ଅବଲମ୍ବନ କରାଯାଏ। ବିଦ୍ୟୁତ୍ ସରବରାହ ବ୍ୟବସ୍ଥା ନିୟମିତ ଭାବେ ଯାଚଂ କରାଯାଏ ନାହିଁ। ଯେଉଁଠି ନିମ୍ନମାନର ସାମଗ୍ରୀ ବ୍ୟବହୃତ ହୋଇଥାଏ, ସେଠାରେ ବାରମ୍ବାର ସମସ୍ୟା ଦେଖାଯାଏ ଏବଂ ତାହାର ସ୍ଥାୟୀ ସମାଧାନ ପାଇଁ ସାଧନ ନ ଥାଏ। ଏହା ସାଙ୍ଗକୁ କିଛି ଅସାଧୁ ବ୍ୟକ୍ତି ମଉକା ଦେଖି ପାଣି କଳ ଠାରୁ ଆରମ୍ଭ କରି ବିଦ୍ୟୁତ୍ ପଙ୍ଖା ପର୍ଯ୍ୟନ୍ତ ସରଞ୍ଜାମଗୁଡ଼ିକ ଚୋରି କରନ୍ତି, ଯାହା ସଙ୍ଗେ ସଙ୍ଗେ ଭରଣା କରାଯାଇ ପାରେ ନାହିଁ। କୋଠାବାଡ଼ିର ରକ୍ଷଣାବେକ୍ଷଣ ପାଇଁ ସରକାର ଯେଉଁ ବାର୍ଷିକ ଅନୁଦାନ ଦିଅନ୍ତି, ସେଥିରେ ରୋଗୀଙ୍କ ୱାର୍ଡ, ଅପରେସନ ଗୃହ କିମ୍ବା 'ଆଇସିୟୁ'ଗୁଡ଼ିକରେ ରକ୍ଷଣାବେକ୍ଷଣ ପାଇଁ ଯଥେଷ୍ଟ ଅର୍ଥ ବ୍ୟବସ୍ଥା ନ ଥାଏ। ରକ୍ଷଣାବେକ୍ଷଣ ଅନୁଦାନରୁ କେତେ ଅଂଶ ରୋଗୀମାନଙ୍କ ସୁବିଧା ପାଇଁ ଖର୍ଚ୍ଚ ହେବ, ତାହାର କୌଣସି ନିୟମ ନାହିଁ। ଫଳରେ ଅନେକ କ୍ଷେତ୍ରରେ ରୋଗୀମାନଙ୍କ ଆବଶ୍ୟକତାକୁ ଅଗ୍ରାଧିକାର ଦିଆଯାଏ ନାହିଁ। ଯେଉଁଠି ନିମ୍ନମାନର ସାମଗ୍ରୀ ବ୍ୟବହୃତ ହୋଇଥାଏ, ସେଠାରେ ଦୁର୍ଘଟଣା ଘଟିବାର ସମ୍ଭାବନା ଅଧିକ ଥାଏ। ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାର କ୍ଷମତା ଡାକ୍ତରଖାନା କର୍ତୃପକ୍ଷଙ୍କର ନାହିଁ। ଯେଉଁଠି ଦକ୍ଷ ଓ ନିର୍ଭୀକ କର୍ତୃପକ୍ଷ ନିଜର କ୍ଷମତା ଜାହିର କରି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରନ୍ତି, ସେଠାରେ ତାଙ୍କ ନିଜ ସ୍ଥିତି ବିପନ୍ନ ହୋଇଯାଏ। ବହୁ କ୍ଷେତ୍ରରେ ସେମାନେ ଉଚ୍ଚ କର୍ତୃପକ୍ଷଙ୍କର ସମର୍ଥନ ପାଆନ୍ତି ନାହିଁ। ଉଚ୍ଚ ଗୁଣମାନର ସାମଗ୍ରୀ ବ୍ୟବହୃତ ହୋଇ ଉପଯୁକ୍ତ ବୈଷୟିକ ପରାମର୍ଶ ଓ ନିରୀକ୍ଷଣରେ ନିର୍ମିତ ହୋଇଥିବା ସୌଧଗୁଡ଼ିକରେ ଦୁର୍ଘଟଣା ହେବାର ଆଶଙ୍କା କମ୍ ହୋଇଥାଏ। ଏହି କଥାଟିକୁ ଦୃଷ୍ଟିରେ ରଖି ନିର୍ମାଣ ନୀତିରେ ସଂସ୍କାର କରିବା ଅପରିହାର୍ଯ୍ୟ। ଯେଉଁ ବିଧାୟକମାନେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ହେଇଥିବା ଅଗ୍ନିକାଣ୍ଡ ପାଇଁ ଏତେ ବ୍ୟସ୍ତ ଓ ବିବ୍ରତ, ସେମାନେ ଦୁର୍ଘଟଣା ଏଡ଼ାଇବା ପାଇଁ ସାଂସ୍ଥାନିକ ବ୍ୟବସ୍ଥାରେ କ'ଣ ସୁଧାର ଅଣାଯାଇ ପାରିବ ସେ ବିଷୟରେ ଆଲୋଚନା କରନ୍ତୁ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦ୍ୱାରା କୌଣସି ସମସ୍ୟାର ସମାଧାନ ହେବ ନାହିଁ। ବିଶେଷ କରି ଆମ ରାଜ୍ୟରେ ଅନୁସୃତ ସରକାରୀ କୋଠାବାଡ଼ି ଇତ୍ୟାଦିର ନିର୍ମାଣ ନୀତିରେ କ'ଣ ସଂସ୍କାର ଆବଶ୍ୟକ ସେ ବିଷୟରେ ବିତର୍କ ହେଉ। ଦୁଇ ବର୍ଷ ହେବ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଓ ଅଧ୍ୟାପକ ନାହାନ୍ତି, ସେ ବିଷୟରେ କାହିଁକି ଉଦ୍ ?ବେଗ ପ୍ରକାଶ ପାଉନି ? ନୂତନ ଶିକ୍ଷାବର୍ଷ ଆରମ୍ଭ ହେଲାଣି, ନୂଆ ପୁସ୍ତକ ଏ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଆସିନାହିଁ। ଏହିଭଳି ବହୁ ସମସ୍ୟା ଅଛି, ଯାହାର ସମାଧାନ ପାଇଁ ବିରୋଧୀ ଦଳ ସକାରାତ୍ମକ ଭୂମିକା ଗ୍ରହଣ କରିପାରିବ। ବହୁତ ଦିନ ପରେ ଓଡ଼ିଶାରେ ବିରୋଧୀ ଦଳ ବିଧାନସଭାରେ ଏକ ଦୃଢ଼ ସ୍ଥିତି ହାସଲ କରିଛି। ଏହି ସୁଯୋଗର ସଦୁପଯୋଗ ହେବା ଆବଶ୍ୟକ। କୋକେଇ କାନ୍ଧେଇବା ଭଳି କାର୍ଯ୍ୟ ନ କରି ବିରୋଧୀ ଦଳ ଗଠନମୂଳକ ସମାଲୋଚନାରେ ନିଜକୁ ନିୟୋଜିତ କରିପାରିଲେ ଜନସାଧାରଣ ଉପକୃତ ହେବେ।

'ନାଟୋ'ର ଅବସ୍ଥା

ଇରାନ-ଆମେରିକା ଯୁଦ୍ଧ ମଧ୍ୟପ୍ରାଚ୍ୟରେ କେବଳ ଧ୍ୱଂସର ତାଣ୍ଡବ କିମ୍ବା ସାରା ବିଶ୍ୱରେ ଇନ୍ଧନ ତଥା ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସର ଅଭାବ ଯୋଗୁଁ ଆତଙ୍କ ସୃଷ୍ଟି କରିନାହିଁ, ଏବେ ଦୀର୍ଘ ୭୭ବର୍ଷର 'ନାଟୋ' ମେଂଟ ଭାଙ୍ଗିବାକୁ ଯାଉଛି ବୋଲି କୁହାଯାଉଛି। ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ କହିଛନ୍ତି ଯେ, ନାଟୋ'ରୁ ଓହରିଯିବା ପାଇଁ ସେ ଏବେ ଗୁରୁତ୍ୱର ସହ ବିଚାର କରୁଛନ୍ତି। କେବଳ ଏତକି ନୁହେଁ, ନାଟୋ'କୁ ସେ କାଗଜ ବାଘ ବୋଲି ଦର୍ଶାଇଛନ୍ତି। ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲର ଯୁଦ୍ଧରେ ସେନା ସହାୟତା ପାଇଁ ନାଟୋ'ର ସଦସ୍ୟ ତଥା ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଖୋଲାଖୋଲି ଭାବେ ମନା କରିବା ପରେ ଟ୍ରମ୍ପ ହ୍ୱାଇଟ ହାଉସରେ ମେଂଟରୁ ଓହରିଯିବା ଲାଗି ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଇନ୍ଧନ ପରିବହନ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଥିବା ହର୍ମୁଜ ପ୍ରଣାଳୀକୁ ଇରାନ ଅବରୋଧରୁ ମୁକ୍ତ କରିବା ଲାଗି ସେନା ଓ ଯୁଦ୍ଧ ଜାହାଜ ପଠାଇବା ଲାଗି ଟ୍ରମ୍ପଙ୍କ ଅନୁରୋଧକୁ ନାଟୋ ସଦସ୍ୟ ୟୁରୋପୀୟ ରାଷ୍ଟ୍ରଗୁଡିକ ମନା କରିଦେବା ପରେ ସେ ଏହା ଘୋଷଣା କରିଛନ୍ତି। ଆହୁରି ମଧ୍ୟ ପାଶ୍ଚାତ ରାଷ୍ଟ୍ରଙ୍କ ଠାରୁ ଆମେରିକାରେ ଅଧିକ ତୈଳ ରହିଛି। ଏବେ ଆମେରିକା ଠାରୁ ତୈଳ, ଗ୍ୟାସ କିଣ ବୋଲି ୟୁରୋପୀୟ ରାଷ୍ଟ୍ରଗୁଡିକ ତାଗିଦ୍ କରିବାକୁ ମଧ୍ୟ ପଛାଇ ନାହାନ୍ତି। ସେ ଆହୁରି କହିଛନ୍ତି ଯେ, ନାଟୋ ଏବେ ଏକ ବୈଶ୍ୱିକ ଶକ୍ତି ଭାବେ ବିଫଳ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ରୁଷ-ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଭ୍ଲାଡିମାର ପୁଟିନ ନାଟୋ'କୁ ଏକ ଦନ୍ତ ବିହୀନ ଶକ୍ତି ବୋଲି ଆକ୍ଷେପ କରିଥିଲେ। ଯାହାକୁ ଟ୍ରମ୍ପ ଏବେ ଦୋହରାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୯ ମସିହାରେ ୩୨ଟି ରାଷ୍ଟ୍ରଙ୍କୁ ନେଇ ବିଶ୍ୱର ଅନ୍ୟତମ ବୃହତମ ମହାଶକ୍ତି ଆମେରିକା ନେତୃତ୍ୱରେ ନର୍ଥ ଆଟଲାଂଟିକ ଟ୍ରିଟ୍ ଅର୍ଗାନାଇଜେସନ (ନାଟୋ) ଗଠିତ ହୋଇଥିଲା। ମେଂଟରେ ୟୁରୋପର ୩୦ଟି ରାଷ୍ଟ୍ର ସଦସ୍ୟ ଥିବାବେଳେ ଉତର ଆମେରିକାର ଦୁଇଟି ରାଷ୍ଟ୍ର ସଦସ୍ୟ ଅଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଜଣେ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣର ଅର୍ଥ ସମସ୍ତ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣ ଗୋଟିଏ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣ ବେଳେ ଅନ୍ୟ ସଦସ୍ୟ ରାଷ୍ଟ୍ରମାନେ ଯୁଦ୍ଧରେ ସାମିଲ ହୋଇଥାନ୍ତି। ଏବେ ଇରାନ ଯୁଦ୍ଧରେ ସାମିଲ ହେବା ଲାଗି ୟୁରୋପୀୟ ରାଷ୍ଟ୍ରଗୁଡିକ ମନା କରିଦେବା ପରେ ଟ୍ରମ୍ପ ନାଟୋ'ରୁ ସମ୍ପର୍କ ଛିନ୍ନ କରିବା ପାଇଁ ଧମକ ଦେଇଛନ୍ତି। କିନ୍ତୁ ନାଟୋରୁ ଆମେରିକା ଓହରିଯିବା ଏବେ ସହଜ ବ୍ୟାପାର ନୁହେଁ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋବାଇଡେନଙ୍କ ଦ୍ୱାରା ସ୍ୱାକ୍ଷରିତ ମଂଜୁରୀପ୍ରାପ୍ତ ନ୍ୟାଶନାଲ ଡିଫେନସ୍ ଅଥୋରାଇଜେସନ ଆକ୍ଟ- ୨୦୨୪ର ୧୨୫୦(ଏ) ଧାରା ଅନୁସାରେ ଆମେକାର କୌଣସି ରାଷ୍ଟ୍ରପତି ଏକତରଫା ଭାବେ ନାଟୋ'ରୁ ଓହରି ପାରିବେ ନାହିଁ। ନାଟୋ'ରୁ ଓହରିଯିବା ଲାଗି ଆମେରିକୀୟ ସିନେଟର ଦୁଇ-ତୃତୀୟାଂଶ ସମର୍ଥନ କିମ୍ବା କଂଗ୍ରେସର ଏ ନେଇ ଏକ ଆଇନ ଗୃହୀତ ହେବା ବାଧ୍ୟତାମୂଳକ ରହିଛି। ତେଣୁ ଟ୍ରମ୍ପଙ୍କ ଘୋଷଣା ଏବେ ଏକ ଆଇନଗତ ପ୍ରସଙ୍ଗ ଭାବେ ଉତର ଅପେକ୍ଷାରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ତାଙ୍କର ଦୁଇଟିଯାକ କାର୍ଯ୍ୟକାଳ ମଧ୍ୟରେ ବହୁ ଆନ୍ତର୍ଜାତିକ ସଂସ୍ଥା, ସଂଗଠନରୁ ଓହରି ଯିବାର ବହୁ ଉଦାହରଣ ରହିଛି। ଟ୍ରମ୍ପଙ୍କ କାର୍ଯ୍ୟକାଳ ମଧ୍ୟରେ ଆମେରିକା, ଡବ୍ଲୁଟିଏ, ଡବ୍ଲୁଏଚଓ, ଜାତିସଂଘର ବହୁ ସହଯୋଗୀ ସଂଗଠନ, ବିଶ୍ୱ ଜଳବାୟୁ ସଂସ୍ଥାରୁ ଓହରି ଯାଇଛି। କିନ୍ତୁ ଏହା ନିସନ୍ଦେହ ଯେ, ଟ୍ରମ୍ପ ବୈଶ୍ୱିକ ସ୍ତରରେ ପ୍ରଭୂତ ବିସ୍ତାର କରିବା ଏବଂ ମର୍ଯ୍ୟାଦାର ସହ ପୃଥକ ହେବା ଏକ ସମୟରେ ଚାହାଁନ୍ତି।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ପ୍ରଫେସର ହୃଷୀକେଶ ସେନାପତି ନିୟମିତ କୁଳପତି ଭାବେ ଯୋଗଦାନ

ଜୟପୁର,୧୧/୪(ନି/ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ପ୍ରଫେସର ହୃଷୀକେଶ ସେନାପତି ଆଜି ନିୟମିତ କୁଳପତି ଭାବେ ଯୋଗଦାନ କରିଛନ୍ତି । ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ର ଶିକ୍ଷାଗତ ଉତ୍କର୍ଷ, ନବୀନତା ଓ ସମଗ୍ର ବିକାଶ ଦିଗରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହେବାକୁ ଯାଉଛି । ବିଶ୍ୱବିଦ୍ୟାଳୟ ପରିବାର କୁଳପତିଙ୍କୁ ହୃଦୟପୂର୍ଣ୍ଣ ସ୍ୱାଗତ ଜଣାଇ ତାଙ୍କର ଦୃଷ୍ଟିଶାଳୀ ନେତୃତ୍ୱ ପ୍ରତି ଆଶା ପ୍ରକାଶ କରିଛନ୍ତି, ଯାହା ଶିକ୍ଷାର ଗୁଣବତ୍ତା, ଉନ୍ନତ ଗବେଷଣା ଓ ସମାନତାମୂଳକ ବିକାଶକୁ ଆହୁରି ସୁଦୃଢ଼ କରିବ। ଏକ ନିୟମିତ କୁଳପତିଙ୍କ ଉପସ୍ଥିତି ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ପ୍ରଶାସନିକ ବ୍ୟବସ୍ଥାକୁ ନୂତନ ଉର୍ଜା, ଦିଗନିର୍ଦ୍ଦେଶ ଓ ସ୍ଥିରତା ଦେବ ବୋଲି ଆଶା କରାଯାଉଛି । ଏହି ଶୁଭ ଅବସରରେ ଶିକ୍ଷକମାନେ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ତାଙ୍କର ଆନନ୍ଦ ଓ ଉତ୍ସାହ ପ୍ରକାଶ କରିଥିବା ସହ କୁଳପତିଙ୍କ ଗତିଶୀଳ ନେତୃତ୍ୱରେ ସମୁହେ ମିଳିତ ଭାବେ କାମ କରି ନୂତନ ସଫଳତା ଅର୍ଜନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ଅବସରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀର ଆୟୋଜନ କରାଯାଇଥିଲା, ଯେଉଁଠାରେ ନବନିଯୁକ୍ତ କୁଳପତି ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର କାର୍ଯ୍ୟାନ୍ୱୟନ, ଗବେଷଣା ପ୍ରଣାଳୀର ସୁଦୃଢ଼ତା ଏବଂ ଗବେଷଣାମୂଳକ କାର୍ଯ୍ୟକ୍ରମର ବିସ୍ତାର ଉପରେ ଏକ ଦୃଷ୍ଟିପୂର୍ଣ୍ଣ ଅଭିଭାଷଣ ଦେଇଥିଲେ। କୁଳପତି ତାଙ୍କର ଅଭିଭାଷଣରେ ଏନଇପି ୨୦୨୦ ର ପରିବର୍ତ୍ତନଶୀଳକୁ ଉଲ୍ଲେଖ କରି କହିଥିଲେ ଯେ, ବହୁଶାଖା ଆଧାରିତ ଶିକ୍ଷା, ପାଠ୍ୟକ୍ରମରେ, ଗବେଷଣା ଓ ନବୀନତା ଉପରେ ଭାର ଦେଇ ଉଚ୍ଚ ଶିକ୍ଷାକୁ ନୂତନ ଆକାର ଦେବାରେ ଏହା ମୁଖ୍ୟ ଭୂମିକା ନେବ। ଗବେଷଣା ପ୍ରଣାଳୀର ଗୁରୁତ୍ୱକୁ ଉଦ୍ଧାର କରି, କୁଳପତି ଶିକ୍ଷାର୍ଥୀ ଓ ଗବେଷକମାନଙ୍କୁ ଦୃଢ଼ ବିଶ୍ଳେଷଣାତ୍ମକ, ସମାଲୋଚନାତ୍ମକ ଚିନ୍ତନ ଏବଂ ବୈଜ୍ଞାନିକ ଅନୁସନ୍ଧାନ କୌଶଳରେ ସଜ୍ଜ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ବିଭିନ୍ନ ଶିକ୍ଷାତ୍ମକ ପ୍ରଶିକ୍ଷଣ, କାର୍ଯ୍ୟଶାଳା ଓ ସେମିନାର ଆୟୋଜନ କରାଯିବାର ପ୍ରସ୍ତାବ ରହିଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି. କାର୍ଯ୍ୟକ୍ରମର ଔପଚାରିକ ଆରମ୍ଭ ଘୋଷଣା କରାଯାଇଥିଲା। ଏହା ବିଶ୍ୱବିଦ୍ୟାଳୟକୁ ଉଚ୍ଚ ସ୍ତରର ଗବେଷଣା ଓ ଶୈକ୍ଷିକ କୁଶଳତାର କେନ୍ଦ୍ରରୂପେ ପ୍ରତିଷ୍ଠିତ କରିବାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗବେଷକମାନେ ଅଭିଜ୍ଞ ଶିକ୍ଷକମାନଙ୍କ ନିର୍ଦ୍ଦେଶନାୟ ଉଚ୍ଚମାନକର ଗବେଷଣା କରିବାର ସୁଯୋଗ ପାଇବେ। ଏହା ସହିତ ବିଭିନ୍ନ ବିଭାଗରେ ନୂତନ ଗବେଷଣା ପ୍ରକଳ୍ପ ଆରମ୍ଭ କରାଯିବାକୁ ଯୋଜନା କରାଯାଇଛି, ଯାହା ଅନୁଶାସନ ମଧ୍ୟରେ ସହଯୋଗ ଓ ନବୀନତାକୁ ବଢ଼ାଇବ। ଏହି ପ୍ରକଳ୍ପଗୁଡ଼ିକ ସମାଜର ସମସାମୟିକ ସମସ୍ୟାମାନଙ୍କୁ ସମାଧାନ କରିବା ସହ ଜ୍ଞାନକୁ ସମୃଦ୍ଧ କରିବ। ଏହି କାର୍ଯ୍ୟକ୍ରମରେ କୁଳସଚିବ ତଥା ଅନ୍ୟମାନେ ଉପସ୍ଥିତ ଥିଲେ ଏବଂ ଉପକୁଳପତିଙ୍କ ସହ ଆଲୋଚନା କରି ମତବିନିମୟ କରିଥିଲେ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଏକ ନୂତନ ଦୃଷ୍ଟିକୋଣ ସହିତ ଆଗକୁ ବଢ଼ୁଛି ଏବଂ ଉଚ୍ଚ ଶିକ୍ଷା ଓ ଗବେଷଣାରେ ଏକ ଅଗ୍ରଣୀ ସଂସ୍ଥା ହେବାକୁ ପ୍ରୟାସରତ। ଏହି ଅବସରରେ ପୂର୍ବତନ କୁଳପତିଙ୍କ ପାଇଁ ଏକ ବିଦାୟ କାଳୀନ ସଭାର ଆୟୋଜନ କରାଯାଇଥିଲା।

ସମ୍ବଲପୁର ଟାଉନ ଡ଼ିସ୍ପେନସାରୀ ବେହେରାମୁଣ୍ଡା ସମ୍ବଲପୁରରେ ବିଶ୍ୱ ହୋମିଓପାଥି ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ

ଅଭିପ୍ସା ପଣ୍ଡାଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡ଼କ୍ଟରେଟ

ସମ୍ବଲପୁର,୧୧/୪(ନି/ପ୍ର):ଶ୍ରୀମତୀ ଅଭିପ୍ସା ପଣ୍ଡା ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବାଣିଜ୍ୟ ର ଡ଼କ୍ଟରେଟ(ଡ଼କ୍ଟର ଅଫ୍ ଫିଲୋସଫି) ଡିଗ୍ରୀ ପାଇବା ପାଇଁ କୃତୀତ୍ୱ ହାସଲ କରିଛନ୍ତି। ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଭିପ୍ସା ଓଡ଼ିଶାର, ବିଶେଷକରି ସମ୍ବଲପୁର ଜିଲ୍ଲା ସନ୍ଦର୍ଭରେ ଏମଏସଏମଇ କ୍ଷେତ୍ରର ବିକାଶରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ର ଭୂମିକା ବିଷୟରେ ଗବେଷଣା କରି ଏହି ଯୋଗ୍ୟତା ହାସଲ କରିଛନ୍ତି। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବ ପ୍ରଫେସର ଡ଼. ଶ୍ୟାମା ଚରଣ ଆଚାର୍ଯ୍ୟ ଙ୍କ ତତ୍ତ୍ୱାବଧାନରେ ଏହି ଗବେଷଣା ନିବନ୍ଧ ଉପସ୍ଥାପନ କରିଥିଲେ। ଧନୁପାଲି ନିବାସୀ ଧୀରଜ ସୁପ୍ରିତ ମିଶ୍ରଙ୍କ ସହଧର୍ମିଣୀ ଏବଂ ପୃଥ୍ୱୀରାଜ ମିଶ୍ର ଓ ସୁଷମା ପଣ୍ଡାଙ୍କ ବୋହୁ ତଥା ସ୍ଥାନୀୟ ପ୍ରଧାନପଡା ନିବାସୀ ଗଣନାଥ ପଣ୍ଡା ଏବଂ ସୁଜାତା ନାୟକ ଙ୍କ କନ୍ୟା ଅଟନ୍ତି ଅଭିପ୍ସା ।

ମାଁ ଅନ୍ଧାରୀ ଦେବୀ ପାହାଡ଼ର ବିକାଶ ପାଇଁ ୧.୫୬ କୋଟି ମଞ୍ଜୁର

ଝାରସୁଗୁଡ଼ା,୧୧/୪(ନି/ପ୍ର) : ଝାରସୁଗୁଡ଼ା ଜିଲ୍ଲାବାସୀଙ୍କ ପାଇଁ ଏକ ଖୁସିର ଖବର। ଜିଲ୍ଲାର ଲଇକେରା ବ୍ଲକର କୁଆଁରମାଲ ଗ୍ରାମ ନିକଟରେ ଅବସ୍ଥିତ ପ୍ରସିଦ୍ଧ ମାଁ ଅନ୍ଧାରୀ ଦେବୀ ପାହାଡ଼ର ସମଗ୍ର ଉନ୍ନୟନ ପାଇଁ ରାଜ୍ୟ ସରକାର ପକ୍ଷରୁ ୧ କୋଟି ୫୬ ଲକ୍ଷ ୨୮ ହଜାର ଟଙ୍କା ମଞ୍ଜୁର କରାଯାଇଛି। ସାଂସ୍କୃତିକ ବିଭାଗ ତରଫରୁ ଏହି ପ୍ରକଳ୍ପକୁ ପ୍ରଶାସନିକ ଅନୁମୋଦନ ମିଳିଛି। ଓଡ଼ିଶା ପର୍ଯ୍ୟଟନ ବିଭାଗର ସୂଚନା ଅନୁସାରେ, ଏହି ପ୍ରକଳ୍ପ ମାଧ୍ୟମରେ ମାଁ ଅନ୍ଧାରୀ ଦେବୀ ପାହାଡ଼କୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରାଯିବ। ପ୍ରକଳ୍ପରେ ଆକର୍ଷଣୀୟ ପ୍ରବେଶ ଦ୍ୱାର, ଜଳଉସ୍ଥ ଓ ପୋଖରୀର ସୌନ୍ଦର୍ଯ୍ୟକରଣ, ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ମଣ୍ଡପ ଓ ବିଶ୍ରାମସ୍ଥଳ, ପାନୀୟ ଜଳ ବ୍ୟବସ୍ଥା, ପାହାଡ଼ ଉପରକୁ ଯିବା ପାଇଁ ସୁବ୍ୟବସ୍ଥିତ ପାହାଚ ଓ ରାସ୍ତା ନିର୍ମାଣ କରାଯିବ। ତଦୁପରି, ପାର୍କିଂ ବ୍ୟବସ୍ଥା, ଆଧୁନିକ ଶୌଚାଳୟ, ସୂଚନା ଫଳକ ଓ ଆଲୋକିକରଣ ସୁବିଧା ମଧ୍ୟ ସୃଷ୍ଟି କରାଯିବ। ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଜିଲ୍ଲାରେ ପର୍ଯ୍ୟଟନ ଉନ୍ନତି ସହ ସ୍ଥାନୀୟ ଅର୍ଥନୀତି ମଜବୁତ ହେବ ବୋଲି ଆଶା କରାଯାଉଛି।

ଗଛରେ ପିଟି ହେଲା କାର, ଚାଲିଗଲା ଯୁବକଙ୍କ ଜୀବନ

କୁଚିଣ୍ଡା,୧୧/୪(ନି/ପ୍ର): ସମ୍ବଲପୁରଜିଲ୍ଲା କୁଚିଣ୍ଡା କୁସମୀ ରାସ୍ତା ଲାଇଡାଗୁଣାରୁ ଟାଇଁସର ମାଝୀରେ ଭାରସାମ୍ୟ ହରାଇ ଗୋଟିଏ କାର ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ କୁସମୀ ଜମନକିରାକୁ କାରଟି ଦ୍ରୁତ ଗତିରେ ଫେରୁଥିବା ସମୟରେ ଭାରସାମ୍ୟ ହରାଇ କାରଟି ଏକ ଗଛରେ ବାଡ଼େଇ ହୋଇଛି। ଘଟଣା ସ୍ଥଳରେ କୁସମୀ ଜମନକିରା ଗ୍ରାମର ୩୦ ବର୍ଷ ବୟସ୍କ ଯୁବକ ରଜତ ପଟେଲଙ୍କ ମୃତ୍ୟୁ ଘଟିଛି। ନିକଟସ୍ଥ ରେଙ୍ଗାଲି ଗ୍ରାମର ମଳୟ ନାଏକ ଗୋଡ଼ ଭାଙ୍ଗି ଗୁରୁତର ଆହତ ହୋଇଥିବା ସମୟରେ ରେଙ୍ଗାଲି ଗ୍ରାମର ଡ୍ରାଇଭର କୈଳାଶ ସେଠ(୩୦)ଙ୍କ ଅଟାଂ ଭାଙ୍ଗି ଗୁରୁତର ଆହତ ହୋଇଛନ୍ତି। ଆହତ ଦୁଇ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତରିତ କରିଥିବା ସମୟରେ ମୃତ ରଜତ ପଟେଲଙ୍କ ମୃତଦେହ କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି। କୁସମୀ ଫାଣ୍ଡିରେ ଏ ନେଇ ଏକ ମକଦ୍ଦମା ରୁଜୁ କରି ପୁଲିସ ତଦନ୍ତ କରୁଛନ୍ତି। ଯୁବକର ଅଳ୍ପ ଦିନ ପରେ ବାହାଘର ପାଇଁ ପରିବାର ଲୋକ ପ୍ରସ୍ତୁତି ଚଳାଉଥିବା ସମୟରେ ଦୁର୍ଘଟଣାରେ ମୃତ୍ୟୁ ଯୋଗୁ ସ୍ଥାନୀୟ ଅଚଂଳରେ ଶୋକର ଛାୟା ଖେଳିଯାଇଛି।

ଜଗାକୁ ପୂରିଲା ୧୧ ବର୍ଷ: ମାଆ ଓ ଭଉଣୀ ସୁଭଦ୍ରା ସହ ପାଳିଲା ଜନ୍ମଦିନ

ଫୁଲବାଣୀ,୧୧/୪(ନି/ପ୍ର): କନ୍ଧମାଳ ଜିଲ୍ଲାର ବହୁଚର୍ଚ୍ଚିତ ଯୋଡ଼ାମୁଣ୍ଡ ଶିଶୁ ଜଗା ଆଜି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ୟୁନିଟ୍‌ର ସ୍ୱତନ୍ତ୍ର କ୍ୟାବିନ୍ ପରିସରରେ ମାଆ ଓ ଭଉଣୀ ସୁଭଦ୍ରାଙ୍କ ସହ ମିଶି ଜନ୍ମଦିନ ପାଳନ କରିଛି। ଜଗାକୁ ଆଜି ୧୧ ବର୍ଷ ପୂରିଛି। କେକ୍ କାଟି ଜନ୍ମଦିନ ପାଳନ ସମୟରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ୟୁନିଟ୍‌ର ସମସ୍ତ ନର୍ସ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଜଗା କେକ୍ କାଟି ଭଉଣୀ ସୁଭଦ୍ରାକୁ ଖୁଆଇ ଦେଇଥିଲା। ସୁଭଦ୍ରା ମଧ୍ୟ ଭାଇ ଜଗାକୁ କେକ୍ ଖୁଆଇ ଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲା। ସେ ବର୍ତ୍ତମାନ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ୟୁନିଟ୍‌ର ସ୍ୱତନ୍ତ୍ର କ୍ୟାବିନରେ ରହୁଛି। ଜଗାକୁ ସରକାର ପାଠ ପଢ଼ାଇବାର ବ୍ୟବସ୍ଥା କରନ୍ତୁ ବୋଲି ତାଙ୍କ ବାପା ଭୂଆଁ କହଁର କହିଛନ୍ତି। ୨୦୨୧ରେ ଜଗାର ମସ୍ତିଷ୍କରେ ଏକ ସ୍ୱତନ୍ତ୍ର ଅସ୍ତ୍ରୋପଚାର ହୋଇଥିଲା। ୧୦ ବର୍ଷ ପରେ ଆଉ ଏକ ଅସ୍ତ୍ରୋପଚାର କରାଯିବ। ଯେହେତୁ ଜଗାର କପାଳ ଠିକ୍ ଭାବେ ବିକଶିତ ହୋଇପାରିନି, ତେଣୁ ତାକୁ ଏବେ ଡାକ୍ତରଙ୍କ ତଦାରଖରେ ରଖାଯିବ। ଦ୍ୱିତୀୟ ଅସ୍ତ୍ରୋପଚାର ପରେ ଜଗାର କପାଳରେ ନୂଆ ଖପୁରି ଲଗାଯିବ। ସେ ସ୍ୱାଭାବିକ ହୋଇପାରିବ ଏବଂ ପାଠ ପଢ଼ିପାରିବ ବୋଲି ସିଡିଏମ୍‌ଓ ଡାକ୍ତର ଅକ୍ଷୟ କୁମାର ସାହୁ କହିଛନ୍ତି। ଜଗାର ଏବେ କେ ?ଣସି ପ୍ରକାର ସ୍ୱାସ୍ଥ୍ୟଗତ ଜଟିଳତା ନାହିଁ। ସେ କେବଳ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ରହୁଛି।

ବନାଂଚଳରେ ଦକ୍ଷତା ବିକାଶ ତାଲିମ୍, ୨୮ ଯୁବକଙ୍କୁ ନିଯୁକ୍ତି ପତ୍ର

ଭୁବନେଶ୍ୱର,୧୧/୪: ଓଡ଼ିଶାର ଦୁର୍ଗମ ବନାଞ୍ଚଳରେ ବସବାସ କରୁଥିବା ପରିବାରର ବେରୋଜଗାର ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ତଥା ରୋଜଗାରକ୍ଷମ କରିବା ପାଇଁ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବନ ବିଭାଗ (କେନ୍ଦୁପତ୍ର)ର ମିଳିତ ପ୍ରୟାସରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲାର ବନ୍ଧପଡ଼ା ବନଖଣ୍ଡର ୨୮ ଜଣ ଯୁବକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳତାର ସହ ପ୍ରଶିକ୍ଷଣ ଶେଷ କରିଥିବାରୁ ସେମାନଙ୍କୁ ନିଯୁକ୍ତି ସୁଯୋଗ ମିଳିଛି। ସେମାନଙ୍କ ମଧ୍ୟରୁ ୧୯ ଜଣଙ୍କୁ କର୍ଣ୍ଣାଟକର ହୋସୁର ଠାରେ ଥିବା ପ୍ରତିଷ୍ଠିତ ଟିଭିଏସ ମୋଟର୍ସ କମ୍ପାନିରେ ଇଲେକ୍ଟ୍ରିସିଆନ ଚାକିରି ପାଇଁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ସେହିପରି ଅନ୍ୟ ୯ ଜଣଙ୍କୁ ସ୍ଥାନୀୟ ଅଚଂଳରେ କେତେକ ଘରୋଇ ସଂସ୍ଥାରେ ମଧ୍ୟ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଉଛି । ଆସିଷ୍ଟାଂଟ ଇଲେକ୍ଟ୍ରିସିଆନ ଟ୍ରେଡ୍ ରେ ସଫଳତାର ସହ ୨ ମାସର ତାଲିମ୍ ଶେଷ କରିବା ପରେ, ବଲାଙ୍ଗିର ବନଖଣ୍ଡ ଅଧିକାରୀଙ୍କ ତରଫରୁ ପ୍ରଶିକ୍ଷାର୍ଥୀମାନଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା । ଯୁବକମାନଙ୍କ ଏହି ସଫଳତାକୁ ନେଇ, ସେମାନଙ୍କ ପରିବାର ଲୋକେ ଖୁସି ପ୍ରକଟ କରିବା ସହ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ପ୍ରସ୍ତାବିତ ଆସ୍ ପଣ୍ଡ୍‌କୁ ଅଂଚଳବାସୀଙ୍କ ତୀବ୍ର ବିରୋଧ

ଝାରସୁଗୁଡ଼ା,୧୧/୪(ନି/ପ୍ର): ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲୋଇସିଂହ ପଂଚାୟତର ତିଳେଇମାଲ ଗ୍ରାମ ପାର୍ଶ୍ୱରେ ଏନଟିପିସି ଦ୍ୱାରା ପ୍ରସ୍ତାବିତ ଆସ୍ ପଣ୍ଡ୍ କୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋଇସିଂହ ପଂଚାୟତ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରପଂଚ ସନାତନ ରୋହିଦାସ ଏହି ସୂଚନା ଦେଇ କହିଛନ୍ତି ଯେ, ଏହି ପ୍ରକଳ୍ପ ମାଧ୍ୟମରେ ନିରୀହ ଆଦିବାସୀମାନଙ୍କୁ ଶୋଷଣ କରାଯାଉଛି। ସମ୍ମିଳନୀରେ ରାଜପୁର ସରପଂଚ ସରସ୍ୱତୀ ନାୟକ, ସମିତି ସଭ୍ୟା ସସ୍ମିତା ତନ୍ତୀ, ଚାନ୍ଦିନୀମାଲ ସରପଂଚ ଲକ୍ଷ୍ମୀଧର ମିଶ୍ର ଓ ଗୌଡ଼ମାଳ ସରପଂଚ ରାଜ କୁମାର ସାଏ ଉପସ୍ଥିତ ଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ବୁଧବାର ତିଳେଇମାଲ ଗ୍ରାମରେ ଆୟୋଜିତ ଜନଶୁଣାଣି ସମ୍ପୂର୍ଣ୍ଣ ଭାବେ ବେଆଇନ ଭାବେ କରାଯାଇଛି। ସରପଂଚମାନଙ୍କ କହିବା ଅନୁଯାୟୀ, ଜନଶୁଣାଣି ପୂର୍ବରୁ ପଂଚାୟତବାସୀଙ୍କୁ ଚିଠି ମାଧ୍ୟମରେ ସୂଚିତ କରିବା ସହ ବିସ୍ଥାପିତ ହେବାକୁ ଥିବା ଲୋକମାନଙ୍କୁ ୧୫ ଦିନ ପୂର୍ବରୁ ଗ୍ରାମସଭା ମାଧ୍ୟମରେ ଅବଗତ କରାଯିବା ନିୟମ ରହିଛି। କିନ୍ତୁ, ଏହି ସବୁ ପ୍ରକ୍ରିୟାକୁ ଅବହେଳା କରାଯାଇଛି। ତିଳେଇମାଲ ଗ୍ରାମର ପ୍ରାୟ ୮୭ ପ୍ରତିଶତ ଲୋକ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ହୋଇଥିବା ବେଳେ ସେମାନେ ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ଚଳାଉଛନ୍ତି। ନୂତନ ଆସ୍ ପଣ୍ଡ୍ ନିର୍ମାଣ ହେଲେ ସେମାନଙ୍କ ଜୀବନଯାପନ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେମାନେ ଆଶଙ୍କା କରିଛନ୍ତି। ଏହାସହ, ପୂର୍ବରୁ ଥିବା ଆସ୍ ପଣ୍ଡ୍ ପ୍ରଭାବରେ ବସୁନ୍ଧରା ଓ ବାଘେଇନାଳ ନଦୀର ପାଣି ପ୍ରଦୂଷିତ ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। ଏହାର ପରିଣାମରେ ଚାଷବାସ ନଷ୍ଟ ହେଉଥିବା ସହ ଲୋକମାନେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଏପରି ପରିସ୍ଥିତିରେ ଆଉ ଗୋଟିଏ ଆସ୍ ପଣ୍ଡ୍ ନିର୍ମାଣ ହେଲେ ସମସ୍ୟା ଅଧିକ ଭୟାବହ ହେବ ବୋଲି ସେମାନେ କହିଛନ୍ତି। ଅଭିଯୋଗ ଅନୁସାରେ, କମ୍ପାନୀ ପକ୍ଷରୁ ୫ ତାରିଖରେ ନୋଟିସ୍ ଜାରି କରି ୮ ତାରିଖରେ ଜନଶୁଣାଣି କରାଯାଇଥିବା ବେଳେ ଅଭିଯୋଗ ଜଣାଇବାକୁ ଯାଇଥିବା ଲୋକମାନଙ୍କୁ ପୋଲିସ ଭିତରକୁ ପ୍ରବେଶ କରିବାକୁ ଦେଇନଥିଲା। ଯଦି ଅଂଚଳବାସୀଙ୍କ ମତାମତକୁ ଅବହେଳା କରି ପ୍ରକଳ୍ପ କାମ ଆରମ୍ଭ କରାଯାଏ, ତେବେ ଚାରି ପଂଚାୟତର ଲୋକମାନେ ଆନ୍ଦୋଳନରେ ବସିବେ ବୋଲି ସତର୍କ କରାଯାଇଛି। ସରପଞ୍ଚସମାନେ ଏହି ଜନଶୁଣାଣିକୁ ବାତିଲ କରି ପୁନର୍ବାର ପଂଚାୟତବାସୀଙ୍କ ସହ ଆଲୋଚନା କରି ନୂତନ ତାରିଖରେ ଜନଶୁଣାଣି କରିବାକୁ ପ୍ରଶାସନକୁ ଦାବି କରିଛନ୍ତି। ସମସ୍ୟା ସମ୍ପର୍କରେ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ ବୋଲି ମଧ୍ୟ ସୂଚନା ମିଳିଛି। ଏନେଇ ଏନଟିପିସି ପକ୍ଷରୁ ସିଏସଆର ବିଭାଗର ଏଚ୍.ଆର.ସମୀର ଭଞ୍ଜ କହିଛନ୍ତି ଯେ, ତିଳେଇମାଲ ଗ୍ରାମର ଉନ୍ନତି ଓ ଗ୍ରାମବାସୀଙ୍କ ସମସ୍ୟାର ସମାଧାନକୁ ଧ୍ୟାନରେ ରଖି ଆସ୍ ପଣ୍ଡ୍ ନିର୍ମାଣ କରାଯିବ।

୨ୟ ବନଦୂର୍ଗା ମହୋତ୍ସବ ତୃତୀୟ ସନ୍ଧ୍ୟା
କ୍ଷତିଗ୍ରସ୍ତ ପରିବାରଙ୍କୁ ସମ୍ପୂର୍ଣ ଥଇଥାନ କରିବା ଏକ ଲକ୍ଷ

ବଲାଙ୍ଗିର,୧୧/୪(ନି/ପ୍ର): ବଲାଙ୍ଗିର ଜିଲ୍ଲାର ଲୋୟର ସୁକତେଲ ଡେମ୍ ତଳି ଅଚଂଳରେ ଥିବା ପଡିଆ ରେ ଦ୍ୱିତୀୟ ବନଦୂର୍ଗା ମହୋତ୍ସବର ତୃତୀୟ ସନ୍ଧ୍ୟା ରେ ହଜାର ହଜାର ଲୋକ ଯୋଗ ଦେଇ ମହୋତ୍ସବରେ ସାମିଲ ହୋଇଛନ୍ତି । ଅତୀତ ରେ ଏହି ଅଚଂଳର କଳା ସଂସ୍କୃତି ଉଚ୍ଚ କୋଟିର ଥିଲା ଆଜିବି ଅଚଂଳର ଆରାଧ୍ୟା ଦେବୀ ମା ବନଦୂର୍ଗା, ମା କନ୍ଦେନ୍ ବୁଢ଼ୀ, କୟା ଘଟିଏନ, ବୁଢ଼ା ଦେଓ, କରମ୍ ସାନୀ, ନାଗ ବାଚା, ଜଗନ୍ନାଥ, ଶିବ ଉପାସନା ପୂଜା ବିଧି ବହୁ ଦେବା ଦେବୀ ବିଶ୍ୱାସ ର ପରମ୍ପରା ରହିଛି କିନ୍ତୁ ପ୍ରକଳ୍ପ ହେବାରୁ ସବୁ ଛିନ୍ନ ଛତ୍ର ହୋଇଯାଇଛି, ଜୀବନ ଜୀବିକା ଖୁବ୍ ସରଳ ଥିଲା ଆଜି ବି ବହୁ ଲୋକ ଖୋଜୁଛନ୍ତି ସେହି ଗାଁ ମାଟିକୁ, ଚାଷୀ ଙ୍କ ଆଶା ଆକାଂକ୍ଷା କୁ ପୂରଣ କରିବ ସେତେବେଳେ ବଲାଙ୍ଗିର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ରୁ ଜଳ ସେଚନ ଆରମ୍ଭ ହେଲେ । ଏ ମହୋତ୍ସବ ମାଧ୍ୟମରେ ପୁଣି ଏକାଠି ହୋଇଛନ୍ତି । ଯୋଗ ଦେଇଥିବା ଅତିଥି ବୃନ୍ଦ ଏ ଭଳି ମତ ଉପସ୍ଥାପନ କରିଥିଲେ । ସଭା କାର୍ଯ୍ୟକୁ ସଂଜୟ ଗଡ଼ତ୍ୟା ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ, ବରେଣ୍ୟ ଅତିଥି ଜିଲ୍ଲା ଅତିରିକ୍ତ ଏସପି ଗୁଣନିଧି ମଲ୍ଲିକ, ଅଧ୍ୟାପକ ଡ଼ ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ, ହୃଷିକେଶ ଗଣ୍ଡ ବିଡିଓ, ବଲାଙ୍ଗିର, ଅକ୍ଷୟ ପାଣି ଉଡୁ ବିଡିଓ ଲୋଇସିଂହା, ବିକାଶ ରଞ୍ଜନ ରଥ ସଭା ପରିଚାଳନା, ସାଂସ୍କୃତିକ ସନ୍ଧ୍ୟା କୁ ସମ୍ପାଦକ ଜୟକୃଷ୍ଣ ମିଶ୍ରଙ୍କ ପରିଚାଳନା ରେ ଦଣ୍ଡ ଲୋକ ନୃତ୍ୟ, କରମ୍ ସାନୀ, ସଂକୀର୍ତନ ଝିଲି ପୁଟେଲ୍ ସାଥୀ, ସୁମି ବାଗ ସାଥୀ, ନୃତ୍ୟ ଗୁରୁ ଆଲୋକ ପଣ୍ଡାଙ୍କ ସମ୍ବଲପୁର ଟ୍ରାଇବାଲ ଆର୍ଟ ଆଣ୍ଡ କ୍ରାଫ୍ଟ ସେଂଟର ସମ୍ବଲପୁର, ନୃତ୍ୟ ଗୁରୁ ସଂଗୀତା ଦାସ ଙ୍କ ସଂଜ୍ୟୋତ କଳା କେନ୍ଦ୍ର, ବଲାଙ୍ଗିର, ସାଇ ସ୍ୱର୍ଣ୍ଣ କଳା ପରିଷଦ, କଂସ ଦରବାର, ନୃତ୍ୟ ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବୁଢ଼ି ଅଚଂଳ ପ୍ରତିଭା ଗଣେଶ୍ୱର ବେହେରା, ଗିରିଧାରୀ ପୁଟା, ଦୟାନିଧି ଗଡାତ୍ୟା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବନଦୁର୍ଗା ମହୋତ୍ସବ କମିଟି ସହଯୋଗରେ ଆୟୋଜିତ ହେଉଛି ।

ଅସହାୟ ବୃଦ୍ଧ ଦମ୍ପତିଙ୍କ ଦୁଃଖ ବୁଝିଲେ ଜିଲ୍ଲାପାଳ, ମିଳିଲା ପକ୍କାଘର

ସୁବର୍ଣ୍ଣପୁର,୧୧/୪(ନି/ପ୍ର):ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ପଲସାପାଲି ଗ୍ରାମରେ ବସବାସ କରୁଥିବା ଅସହାୟ ବୃଦ୍ଧ ଦମ୍ପତିଙ୍କୁ ମିଳିଲା ଘର । ଆଜି ଜିଲ୍ଲାପାଳ ଡ. ନୃପରାଜ ସାହୁ ବୃଦ୍ଧ ଦମ୍ପତିଙ୍କୁ ଭେଟି କାର୍ଯ୍ୟାଦେଶ ପ୍ରଦାନ ସହ ଆବାସ ଗୃହ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ସୂଚନା ଅନୁସାରେ, ଦୀର୍ଘଦିନ ହେବ ବୃଦ୍ଧ ଦମ୍ପତି ରାଜେନ୍ଦ୍ର ପଧାନ ଓ ତାଙ୍କ ପତ୍ନୀ ଏବଂ ତାଙ୍କର ଏକ ମାନସିକ ବିକାର ଗ୍ରସ୍ତ ପୁଅକୁ ନେଇ ପଲିଥିନ୍ ତଳେ ଅସହାୟ ଅବସ୍ଥାରେ ଜୀବନଯାପନ କରୁଥିଲେ । ଖବର ପାଇ କିଛିଦିନ ପୂର୍ବରୁ ଜିଲ୍ଲାପାଳ ଅସହାୟ ଦମ୍ପତିଙ୍କ ଘରକୁ ଯାଇ ଦମ୍ପତିଙ୍କ ସୁଖଦୁଃଖ ବୁଝିବା ସହ ଯଥାଶୀଘ୍ର ଘର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଆଜି ଜିଲ୍ଲପାଳ ଡ. ନୃପରାଜ ସାହୁ ପଲସାପାଲି ଗ୍ରାମକୁ ଯାଇ ବୃଦ୍ଧ ଦମ୍ପତିଙ୍କୁ ଭେଟି କାର୍ଯ୍ୟାଦେଶ ପ୍ରଦାନ ସହ ଆବାସ ଗୃହ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଜିଲ୍ଲାପାଳଙ୍କ ତ୍ୱରିତ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ବୃଦ୍ଧ ଦମ୍ପତିଙ୍କ ମୁହଁରେ ହସ ଫୁଟିଛି । ଜିଲ୍ଲାପାଳ ଡ. ସାହୁ ମାନସିକ ବିକାର ଗ୍ରସ୍ତ ପୁଅକୁ ଭେଟି ତା ସହିତ ଦୁଃଖସୁଖ ହେଉଥିବା ଦେଖିବାକୁ ମିଳିଥିଲା । ତାଙ୍କ ଗସ୍ତ ସମୟରେ ବିନିକା ବିଡିଓ ଶରତ ବାଘ, ସହକାରୀ ଯନ୍ତ୍ରୀ ବିଜୟ ପୁର୍ତ୍ତିଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

ପଂଚପଡ଼ା ହାଇସ୍କୁଲରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ

ଝାରସୁଗୁଡ଼ା,୧୧/୪(ନି/ପ୍ର): ଝାରସୁଗୁଡ଼ା ସହରସ୍ଥିତ ସରକାରୀ ହାଇସ୍କୁଲ ପଂଚପଡ଼ାରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ପୂର୍ଣ୍ଣମିତା ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଏହି ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରୁପାନନ୍ଦ ଚୌଧୁରୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୀତା ପଟେଲ, ସଦସ୍ୟା ରଞ୍ଜୁ ନେଟି ଓ ଖେଳଣା ମଗର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ କ୍ଷ ବିଦ୍ୟାଳୟର ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଯୋଗଦେଇଥିବା ନୂତନ ଛାତ୍ର ଛାତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏପ୍ରିଲ ୨୧ରେ ରାଉରକେଲା ଗସ୍ତ

ରାଉରକେଲା,୧୧/୪(ନି/ପ୍ର): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏପ୍ରିଲ ୨୧ରେ ରାଉରକେଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି । ରାଷ୍ଟ୍ରପତିଙ୍କ ଏଜେଣ୍ଡାରେ ରାଉରକେଲା ଓ୍ୱାନ୍ ପରିସରରେ ନବନିର୍ମିତ ଆଦିବାସୀ ସଂଗ୍ରହାଳୟ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଉରକେଲା ଗସ୍ତ ନେଇ ଓଡ଼ିଶାର ପ୍ରମୁଖ ଶିଳ୍ପ ସହର ରାଉରକେଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ଅବସର ଭାବରେ ବର୍ଣ୍ଣନା କରାଯାଉଛି । ତାଙ୍କ ଗସ୍ତ ସମୟରେ, ରାଷ୍ଟ୍ରପତି ଏକ ଆଦିବାସୀ ସଂଗ୍ରହାଳୟ ଉଦ୍ଘାଟନ କରିବାର ଆଶା କରାଯାଉଛି, ଯାହା ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ ଏବଂ ପରମ୍ପରାକୁ ସଂରକ୍ଷଣ ପ୍ରଦର୍ଶନ କରିବା ସହ ଏକ ପ୍ରକଳ୍ପ ଭାବରେ ରାଉରକେଲା ପାଇଁ ପରିଗଣିତ ହେବାକୁ ଯାଉଛି । ଏହା ସହିତ ରାଷ୍ଟ୍ରପତି, ରାଉରକେଲା ଇସ୍ପାତ କାରଖାନାରେ କିଛି କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇପାରନ୍ତି ବୋଲି ସୂଚନା ମିଳିଛି । କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ରାଷ୍ଟ୍ରପତିଙ୍କ ଗସ୍ତକୁ 'ଐତିହାସିକ' ବୋଲି ଅଭିହିତ କରି କହିଛନ୍ତି ଯେ ଏହା ରାଉରକେଲା ଏବଂ ରାଜ୍ୟବାସୀଙ୍କ ପାଇଁ ଏକ ବଡ଼ ଗର୍ବ ଏବଂ ଆନନ୍ଦର ବିଷୟ ହେବ । ସେ ଆହୁରି ସୂଚନା ଦେଇଛନ୍ତି ଯେ ଏହି ଗସ୍ତକୁ ସ୍ମରଣୀୟ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରସ୍ତୁତି ଆଲୋଚନା ପୂର୍ବରୁ ଅନୁଷ୍ଠିତ ହୋଇସାରିଛି । ସୁରକ୍ଷା, ଭିତିଭୂମି ପ୍ରସ୍ତୁତି ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଉପରେ ଧ୍ୟାନ ଦେଇ ପ୍ରଶାସନ ଏହି ହାଇ-ପ୍ରୋଫାଇଲ୍ ଗସ୍ତ ପୂର୍ବରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବ ବୋଲି ଆଶା କରାଯାଉଛି ।

କାର୍ଯ୍ୟକ୍ଷମ ହେଲା ଆରଜିଏଚ୍ ପରିସରରେ ନିର୍ମିତ ଶବ ବ୍ୟବଚ୍ଛେଦ ଗୃହ

ରାଉରକେଲା,୧୧/୪(ନି/ପ୍ର): ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ) ପରିସରରେ ନିର୍ମିତ ଶବ ବ୍ୟବଚ୍ଛେଦ ଗୃହ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇଛି । ପୂର୍ବରୁ ପାନପୋଷ ସ୍ଥିତ ସହରାଂଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଶବ ବ୍ୟବଚ୍ଛେଦ ଗୃହକୁ ଆରଜିଏଚ ପରିସରରେ ଥିବା ଶବାଗାର ନିକଟକୁ ସ୍ଥାନାନ୍ତରଣ କରାଯାଇଛି । ରାଜ୍ୟ ସରକାର ଓ ରାଉରକେଲା ମହାନଗର ନିଗମ ତରଫରୁ ଲୋକଙ୍କ ବୃହନ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ବୋଲି ସୂଚନା ଦେଇଛନ୍ତି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର । ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର୍ କହିଛନ୍ତି ଯେ, ଦୁର୍ଘଟଣା ଜନିତ ମୃତ୍ୟୁ କିମ୍ବା କୌଣସି ଅପ୍ରତ୍ୟାଶିତ ମୃତ୍ୟୁ ପରେ ଏହାର କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ ଦରକାର ହେଉଥିବା ବେଳେ ତାହା ପାନପୋଷ ଚିକିତ୍ସାଳୟ ନିକଟରେ ନିର୍ମିତ ଶବ ବ୍ୟବଚ୍ଛେଦ ଗୃହରେ କରାଯାଉଥିଲା । ବହୁ ବର୍ଷ ଧରି ଏହି ଶବ ବ୍ୟବଚ୍ଛେଦ ଗୃହର ସ୍ଥାନାନ୍ତର ପାଇଁ ସ୍ଥାନୀୟ ଅଂଚଳବାସୀ ଦାବୀ କରି ଆସୁଥିଲେ । ଯାହା ପୂରଣ ହେବା ସହ ଶବ ବ୍ୟବଚ୍ଛେଦ ଗୃହ ଆରଜିଏଚ ପରିସରକୁ ସ୍ଥାନାନ୍ତରିତ ହୋଇଛି ବୋଲି ସେ କହିଥିଲେ । ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ସେ କହିବା ସହ ରାଉରକେଲା ମହାନଗର ନିଗମ ତରଫରୁ ଏହି ଗୃହ ନିର୍ମାଣ ତଥା ଆବଶ୍ୟକ ସରଞ୍ଜାମ ନିମନ୍ତେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଥିବା ପ୍ରକାଶ କରିଛନ୍ତି ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର୍ ।

ସୁନ୍ଦରଗଡ଼ରେ ଲୋକକଳା ପାଇଁ ଦିନ ଟିଏ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୧୧/୪(ନି/ପ୍ର): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଜିଲ୍ଲାରେ 'ଲୋକକଳା ପାଇଁ ଦିନଟିଏ' ଭାବରେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଲୋକକଳାର ସଂରକ୍ଷଣ, ପ୍ରଚାର ପ୍ରସାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାର ସମସ୍ତ ଲୋକକଳା, ସଂସ୍କୃତି ଓ ପରମ୍ପରା ଯେପରି ସବୁବେଳେ ବଜାୟ ରଖାଯାଇ ପାରିବ, ତାହା ଉପରେ ଗୁରୁତ୍ୱାରୋପ କରଯାଇଥିଲା । ସେହିଭଳି କଳାକାରମାନଙ୍କ ବିକାଶ ଦିଗରେ ବିଶେଷ ଧ୍ୟାନ ଦିଆଯିବା ନେଇ ଆଲୋଚନା କରାଯାଇଥିଲା ।ଓଡ଼ିଶାର ଲୋକକଳା ଏବଂ ଲୋକସଂସ୍କୃତିକୁ ବଜାୟ ରଖିବା ପାଇଁ ଲୋକକଳା ପାଇଁ ଦିନଟିଏ ଭାବରେ ପାଳନ କରାଯାଉଛି । ସମସ୍ତେ ଏକତ୍ରିତ ହୋଇ ଆମ ପରମ୍ପରା, ଆମ ସଂସ୍କୃତି ଓ ଆମ ଲୋକକଳା ପାଇଁ ଏହି ଦିନଟିକୁ ଉତ୍ସର୍ଗ କରିବା ପାଇଁ ବଦ୍ଧପରିକର ହେବା ଆବଶ୍ୟକ । ଏହି ଅବସରରେ କଳାକାରମାନେ ପାରମ୍ପରିକ ବାଦ୍ୟ ଯନ୍ତ୍ର ବଜାଇ, ଗୀତ ଗାଇ ବିଭିନ୍ନ ଲୋକ ନୃତ୍ୟ ପରିବେଷଣ କରିଥିଲେ । ଜିଲ୍ଲାର ସମସ୍ତ ବରିଷ୍ଠ ଲୋକ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟ ସରକାରଙ୍କ ଏହି ଅଭିନବ ପଦକ୍ଷେପ କଳାକାରମାନଙ୍କୁ ଉତ୍ସାହିତ କରିବା ସହିତ ଲୋକକଳାର ପ୍ରଚାର ପ୍ରସାର ପାଇଁ ଅଧିକ ପ୍ରେରଣା ଯୋଗାଇଛି ବୋଲି ବରିଷ୍ଠ କଳାକାରମାନେ ମତ ରଖିଥିଲେ ।

ଆନନ୍ଦପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

ଭଦ୍ରକ,୧୧/୪(ନି/ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ସ୍ଥିତ ଯଗନ୍ନାଥ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ର ବାର୍ଷିକ ପୁରସ୍କାର ବିତରଣୀ ସଭା ଶୁକ୍ରବାର ଅପରାହ୍ନ ରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନ ଶିକ୍ଷକ ସତ୍ୟଜିତ ସାହୁ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଧାମନଗର ମହାବିଦ୍ୟାଳୟ ର ଅଧାପକ ଡ ବୈରଗଞ୍ଜନ ଦାଶ,ମୁଖ୍ୟବକ୍ତା ଏ ବିଇଓ ସତ୍ୟ ସୁନ୍ଦର ପରିଡ଼ା,ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ, ଅଧାପକ ହିମାଂଶୁ ଶେଖର ଦାଶ,ଖଡ଼ିପଦା ସିଆରସିସି ଦେବବ୍ରତ ନାୟକ,

ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଆନ୍ତଃଜିଲ୍ଲା ସିଏମ୍ ଟ୍ରଫି

ରାଉରକେଲା,୧୧/୪(ନି/ପ୍ର): ବିର୍ସା ଛକ ଠାରେ ଥିବା ବିର୍ସା ମୁଣ୍ଡା ଆଥେଲେଟିକ୍ ଷ୍ଟାଡିୟମରେ ଶୁକ୍ରବାର ଦିନ ଉଦ୍ଘାଟିତ ହୋଇଯାଇଛି ୧୫ ବର୍ଷ ବୟସରୁ କମ୍ ଆନ୍ତଃଜିଲ୍ଲା ଫୁଟବଲ ପ୍ରତିଯୋଗିତା । ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଆୟୋଜିତ ଏହି ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାର ଉଦ୍ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବରେ ଡିଏସ୍ଡ୍ୱାଇଏସର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ରାଉରକେଲାର କ୍ରୀଡା ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକ ମଧ୍ୟ ଉପସ୍ଥିତ ଥିଲେ । ଅପ୍ରେଲ ୧୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଆନ୍ତଃଜିଲ୍ଲା ଫୁଟବଲ ପ୍ରତିଯୋଗିତା ଅପ୍ରେଲ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି ।

କ୍ରିକେଟ ପ୍ରତିଯୋଗୀତା :ଗୁରୁନାନକ ପବ୍ଲିକ ସ୍କୁଲ ଏବଂ ସେଟଂ ଆରନୋଲଡସ୍ ସ୍କୁଲ ବିଜୟୀ

ରାଉରକେଲା ,୧୧/୪(ନି/ପ୍ର): ଇସ୍ପାତ ସହରର ସେକ୍ଟର-୧୮ ସ୍ଥିତ ଜିମିଖାନା କ୍ରିକେଟ୍ ପଡ଼ିଆରେ ଚାଲିଥିବା ଏକାଦଶତମ ହରମୋହନ ପ୍ରହରାଜ ସ୍ମାରକୀ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଂଟରେ ବୁଧବାର ଦିନ ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ସେକ୍ଟର-୨୧, ଗୁରୁନାନକ ପବ୍ଲିକ୍ ସ୍କୁଲ୍ ଓ ସେଟଂ ଆରନୋଲଡସ୍ ସ୍କୁଲ ବିଜୟ ଲାଭ କରିଛନ୍ତି । ପ୍ରଥମ ମ୍ୟାଚଟି ସେକ୍ଟର-୨୧ ଗୁରୁନାନକ ପବ୍ଲିକ ସ୍କୁଲ ଏବଂ ସେକ୍ଟର-୫ ଦୀପିକା ଇଂଲିଶ୍ ମିଡିୟମ୍ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଦୀପିକା ଇଂଲିଶ୍ ମିଡିୟମ ସ୍କୁଲ ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ମାତ୍ର ୧୪୦ ରନ୍ କରିଥିଲା ବେଳେ ଜବାବରେ ଗୁରୁନାନକ ପବ୍ଲିକ ସ୍କୁଲ୍ ମାତ୍ର ୧୮.୪ ଓଭରରେ ୬ ଓ୍ୱିକେଟ୍ ହରାଇ ୧୪୧ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା । ଏହି ମ୍ୟାଚରେ ହର୍ଷଦୀପ ସିଂଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚ୍ ଛେଣ୍ଡ ଚିନ୍ମୟ ବିଦ୍ୟାଳୟ ଓ ସେଟଂ ଆରନୋଲଡସ୍ ସ୍କୁଲ ମଧ୍ୟରେ ଖେଳାଯାଇଥିଲା । ଏଥିରେ ଚିନ୍ମୟ ବିଦ୍ୟାଳୟ ପ୍ରଥମ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ମାତ୍ର ୧୦୫ ରନ୍ କରିଥିଲା । ଜବାବରେ ସେଟଂ ଆରନୋଲଡସ୍ ସ୍କୁଲ ୧୭ ଓଭରରେ ୧୦୬ ରନ୍ କରି ଏହି ବିଜୟ ଲକ୍ଷ୍ୟକୁ ହାସଲ କରିଥିଲା । ଏହି ମ୍ୟାଚରେ ଆରନୋଲଡସ୍ ସ୍କୁଲର ସାଇ ଶୁଭମ୍ ପଟ୍ଟନାୟକ ଆକର୍ଷଣୀୟ ବୋଲିଂ କରି ୪ ଓଭରରେ ୧୬ ରନ୍ ଦେଇ ୪ଟି ଉଇକେଟ୍ ଅକ୍ତିଆର କରିଥିଲେ । ଏହି ଉନ୍ନତମାନର ବୋଲିଂ ପାଇଁ ସାଇ ଶୁଭମ୍ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।

ବିଜୁ ବାବୁ ଶ୍ରାଦ୍ଧ ଦିବସରେ ଗଠନ ହେବ ଓଡ଼ିଶା ନାଗରିକ ମଂଚ

ଭୁବନେଶ୍ୱର, ୧୧/୪: ଆସନ୍ତା ୧୭ ତାରିଖରେ ବିଜୁ ବାବୁ ଶ୍ରାଦ୍ଧ ଦିବସ । ସେହିଦିନ ଆମେ କିଛି ଓଡ଼ିଶାକୁ ଭଲ ପାଉଥିବା ବ୍ୟକ୍ତି ମାନେ ଓଡ଼ିଶା ନାଗରିକ ମଂଚ ଗଠନ ପାଇଁ ନିଷ୍ପତ୍ତି ନେଇଛୁ ବୋଲି ସୂଚନା ଦେଇଛନ୍ତି ବରିଷ୍ଠ ନେତା ସୌମ୍ୟ ରଞ୍ଜନ ପଟ୍ଟନାୟକ । ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନକୁ ସୁରକ୍ଷିତ କରିବା ପାଇଁ ଏହି ମଂଚ ଗଠନ ହୋଇଛି । ଆଗକୁ ଦେଖନ୍ତୁ କଣ ହେଉଛି । ଆମେ ଚାହୁଁ ଓଡ଼ିଶାର ରାଜନୀତି ସମୃଦ୍ଧ ହେଉ ସୁସ୍ଥ ହେଉ । ଏଭଳି ଏକ ରାଜନୈତିକ ପରିବେଶ ସୃଷ୍ଟି ହେଉ ଯେଉଁଥିରେ ଜଣେ ଓଡ଼ିଆ ନାଗରିକ ଆତ୍ମ ସମ୍ମାନର ସହିତ ମୁଁ ଓଡ଼ିଆ ବୋଲି କହି ଗର୍ବ କରିବ । ନବୀନଙ୍କୁ କଟାକ୍ଷ କରି ସୌମ୍ୟ ପଟ୍ଟନାୟକ କହିଛନ୍ତି ପୁଅ ମାନେ କଣ କେବଳ ଲିଗାସୀ ନେବେ ଆଉ କେହି ହୋଇ ପାରିବେ ନାହିଁ । ଆମେ

ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ

ଭୁବନେଶ୍ୱର,୧୧/୪(ନି/ପ୍ର): ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ । ଜିଲ୍ଲାପାଳମାନଙ୍କୁ 'ବାଲ୍ୟ ବିବାହ ନିଷେଧ ଅଧିକାରୀ' ଭାବେ ଦାୟିତ୍ୱ ଦିଆଯାଇଛି । ଗ୍ରାମ, ପଂଚାୟତ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡି କର୍ମୀ, ପୁଲିସ ଏବଂ ଧର୍ମଗୁରୁମାନଙ୍କ ସହ ସ୍ୱତନ୍ତ୍ର ବୈଠକ ବିବାହ କାର୍ଯ୍ୟରେ ଜଡ଼ିତ ସେବା ଟେଂଟ ମାଲିକ, କ୍ୟାଟରିଂ ଏବଂ ପ୍ରିଂଟିଂ ପ୍ରେସ ମାଲିକଙ୍କୁ ମଧ୍ୟ କରାଯିବ ସଚେତନ ବାଲ୍ୟ ବିବାହକୁ ପ୍ରୋତ୍ସାହନ ନ କରିବାକୁ ଦିଆଯିବ ପରାମର୍ଶ । ସ୍କୁଲ ଛାଡ଼ିଥିବା ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପିଲାମାନେ ବାଲ୍ୟ ବିବାହର ଶିକାର ହେବାର ସମ୍ଭାବନା ଅଧିକ ସେମାନଙ୍କ ପରିବାରକୁ କାଉନସେଲିଂ କରିବାକୁ ଚିଠିରେ ଉଲ୍ଲେଖ ରହିଛି । ସମସ୍ତ ପଦକ୍ଷେପର ଏକ ବିବରଣୀ ଏପ୍ରିଲ ୮, ୨୦୨୬ ସୁଦ୍ଧା ଆୟୋଗଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି । ଅକ୍ଷୟ ତୃତୀୟାରୁ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ନିୟମ କଡ଼ାକଡ଼ି ପାଳନ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି ଜାତୀୟ ଶିଶୁ ସୁରକ୍ଷା ଆୟୋଗ । ଆସନ୍ତା ଏପ୍ରିଲ ୧୯ରେ ପଡୁଥିବା ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାଜ୍ୟରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏକ ବ୍ୟାପକ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଛନ୍ତି । ଏ ନେଇ ଏନସିପିସିଆରର ସଦସ୍ୟ ସଚିବ ଡକ୍ଟର ସଞ୍ଜୀବ ଶର୍ମା ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଏକ ପତ୍ର ଲେଖି ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସ୍ତ୍ରୀ, ପୁଅ ଓ ଶାଶୂଙ୍କୁ ପେଟ୍ରୋଲ ଢାଳି ଜିଅନ୍ତା ଜାଳିବାକୁ ଉଦ୍ୟମ କଲା ଜ୍ୱାଇଁ

ନୀଳଗିରି,୧୧/୪(ନି.ପ୍ର):ଶଶୁର ଘରେ ଜ୍ୱାଇଁର ଉନ୍ମନ କାଣ୍ଡ । ସ୍ତ୍ରୀ, ପୁଅ ଓ ଶାଶୂଙ୍କୁ ପେଟ୍ରୋଲ ଢାଳି ଜିଅନ୍ତାଜାଳିବାକୁ ଉଦ୍ୟମ କରିଛି ଜ୍ୱାଇଁ ।ଭାଗ୍ୟ ଭଲ ବୋଲି ତିନି ଜଣ ଗ୍ରାମବାସୀଙ୍କ ସହଯୋଗରେ ବଚିଂ ଯାଇଛନ୍ତି । ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନାରେ ଏଭଳି ଅଭିଯୋଗ ହୋଇଛି ।ନୀଳଗିରି ଥାନା ଅଧୀନ ସନ୍ତରାଗଡିଆ ଗ୍ରାମର ଭାସ୍କର ସ୍ୱାଇଁଙ୍କ ଘରେ । ସୂଚନା ଅନୁଯାୟୀ ନୀଳଗିରି ଏନଏସି ତଳ କାହାଳିଆ ଗ୍ରାମର ଭାସ୍କର ପାତ୍ରଙ୍କ ପୁଅ ମହେଶ୍ୱର ପାତ୍ର ସନ୍ତରାଗଡିଆ ନିକଟସ୍ଥ କାନପୁର ଗ୍ରାମର ଭାସ୍କର ସ୍ୱାଇଁଙ୍କ ଝିଅ ଜ୍ୟୋତିରାଣୀ ସ୍ୱାଇଁଙ୍କୁ ଦେଢ ବର୍ଷ ପୂର୍ବରୁ ବିବାହ କରିଥିଲେ । ହେଲେ ରୀତିମତ ଯୌତୁକ ପାଇଁ ମହେଶ୍ୱର ଜ୍ୟୋତିଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିଲେ । ଜ୍ୟୋତି ଗର୍ଭବତୀ ହେବା ପରଠାରୁ ବାପ ଘରେ ରହିଆସୁଥିଲେ । ସ୍ୱାମୀ ମଧ୍ୟ ଶଶୁର ଘରେ ରହୁଥିଲେ । ପାରିବାରିକ ସମସ୍ୟା ନେଇ ଆଜି ସ୍ୱାମୀ ଉତ୍ୟକ୍ତ ହୋଇ ଶାଶୂ, ସ୍ତ୍ରୀ ଓ ପୁଅ ଉପରେ ପେଟ୍ରୋଲ ଢାଳିବା ସହ ଘରର ଗ୍ୟାସ ଅନ କରି କବାଟ ବନ୍ଦ କରିଦେଇଥିଲା । ନିଆଁ ଲଗାଇବାକୁ ଉଦ୍ୟମ କରିବା ସମୟରେ ଚିତ୍କାର ଶୁଣି ପଡୋଶୀମାନେ ଦୌଡ଼ି ଆସିଥିଲେ । ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ସେ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ନୀଳଗିରି ପୁଲିସ ତତ୍ପରତା ଦେଖାଇ ଅଭିଯୁକ୍ତ ମହେଶ୍ୱରକୁ ଅଟକ ରଖି ପଚରାଉଚୁରା ଜାରି ରଖିଛି । ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଉତେଜନା ଦେଖାଯାଇଥିଲା ।

ସେଲ୍, ଆରଏସପି ଦ୍ୱାରା ପାର୍ଶ୍ୱଂଚଳ ବିଦ୍ୟାର୍ଥୀଙ୍କ ନିମନ୍ତେ 'ଦୁଗ୍ଧ ଉପହାର' ଯୋଜନା ପାଇଁ ଏନଡ଼ିଡ଼ିବି ସହିତ ବୁଝାମଣା ପତ୍ରର ନବୀକରଣ

ରାଉରକେଲା,୧୧/୪(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଗୁଜୁରାଟର ଆନନ୍ଦ ସ୍ଥିତ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନଡ଼ିଡ଼ିବି) ନ୍ୟୁଟ୍ରେସନ୍ ଏବଂ ଜିଲ୍ଲା ପ୍ରଶାସନ ସହିତ ଏକ ବୁଝାମଣାପତ୍ରର ନବୀକରଣ କରିଛି । ଯାହା ଦ୍ୱାରା ପ୍ରମୁଖ ସିଏସଆର ପ୍ରୟାସ 'ଦୁଗ୍ଧ ଉପହାର' କାର୍ଯ୍ୟକ୍ରମ ଅଧୀନରେ ବିସ୍ରା ବ୍ଲକ, କୁଆରମୁଣ୍ଡା ବ୍ଲକ ଏବଂ ରାଉରକେଲା ନଗର ନିଗମର ପ୍ରାଥମିକ ବିଦ୍ୟାଳୟ ପିଲାମାନଙ୍କୁ ପୁଷ୍ଟିକର ପାଶ୍ଚୁରାଇଜଡ୍ ଫୋର୍ଟିଫାଏଡ୍ ସ୍ୱାଦଯୁକ୍ତ ପ୍ୟାକେଜ୍ଡ କ୍ଷୀର ଯୋଗାଇ ଦିଆଯିବ । ଏହି ବୁଝାମଣାପତ୍ର ମାର୍ଚ୍ଚ ୩୦ ତାରିଖରେ ସ୍ୱାକ୍ଷର ହୋଇଥିଲାବେଳେ ଆରଏସପି ପକ୍ଷରୁ ଟିଏ ଏବଂ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ଏବଂ ଏନଡ଼ିଡ଼ିବି ପକ୍ଷରୁ ଏନଡ଼ିଡ଼ିବି- କୋଲକାତାର ମ୍ୟାନେଜର ସୁଶ୍ରୀ ସେଲି ଟୋପନୋ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ-ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଜିଏମ ଶ୍ରୀ ବିଭାବାସୁ ମଲ୍ଲିକ, ଡ଼ିଜିଏମ ଶ୍ରୀ ଟି ବି ଟପ୍ପୋ, ଡ଼ିଜିଏମ ଶ୍ରୀ ପି ସାହୁ, ଏଜିଏମ ଶ୍ରୀ ବି ଜେନା, ଡେପୁଟି ମ୍ୟାନେଜର ଶ୍ରୀ ଏସ୍ ଶୁକ୍ଲାଙ୍କ ସହ ସିଏସଆର ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ରାଉରକେଲା ସ୍ଥିତ ଏନଡିଡିବି ର ନୋଡାଲ ଅଧିକାରୀ ଶ୍ରୀ ଅଭିଷେକ ଐନ୍ଦ ମଧ୍ୟ ଯୋଗ ଦେଇଥିଲେ । ଏହି ବୁଝାମଣାପତ୍ର ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ପୂର୍ବ ବୁଝାମଣାପତ୍ର ପଦକ୍ଷେପକୁ ଜାରି ରଖିବ । ନୂତନ ବୁଝାମଣାପତ୍ର ୨୦୨୬ ମସିହା ଏପ୍ରିଲ ୦୧ ତାରିଖରୁ ୨୦୨୭ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବନ୍ତର ରହିବ ଯାହାର ବାର୍ଷିକ ବଜେଟ୍ ୪୨.୪୮ ଲକ୍ଷ ଟଙ୍କା । ଏହି କାର୍ଯ୍ୟକ୍ରମ ଦ୍ୱାରା କୁଆରମୁଣ୍ଡା ଏବଂ ବିସ୍ରା ବ୍ଲକ ଅନ୍ତର୍ଗତ ୩୭ଟି ବିଦ୍ୟାଳୟର ୧୭୫୮ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ । ଉଲ୍ଲେଖନୀୟ ଯେ, ଏହି ସିଏସଆର ପଦକ୍ଷେପର ଅଂଶ ସ୍ୱରୂପ, ବିଦ୍ୟାଳୟ ପରିସରରେ ସମସ୍ତ କାର୍ଯ୍ୟ ଦିବସରେ ପ୍ରତ୍ୟେକ ପିଲାଙ୍କୁ ୨୦୦ ମି.ଲି. ଫର୍ଟିଫାଇଡ୍ ସ୍ୱାଦଯୁକ୍ତ କ୍ଷୀର ଯୋଗାଇ ଦିଆଯାଉଛି । ଏହି ପଦକ୍ଷେପ କେବଳ ବିଦ୍ୟାଳୟ ଯାଉଥିବା ପିଲାମାନଙ୍କର ସାମଗ୍ରିକ ଅଭିବୃଦ୍ଧି ଏବଂ ବିକାଶକୁ ଗତିଶୀଳ କରିବ ନାହିଁ ବରଂ ପିଲାଙ୍କ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣି ରୋଗ ପ୍ରତିରୋଧକ ଶକ୍ତି ଏବଂ ପୁଷ୍ଟିସାର ବୃଦ୍ଧି କରିବ । ଅଧିକନ୍ତୁ ଏହି ଯୋଜନା ବିଦ୍ୟାଳୟ ଉପସ୍ଥାନକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି ।